بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4 | ସଂଖ୍ୟା 28

ସାପ୍ତାହିକ **ବଦର**

Weekly **BADAR** Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

11 ଜୁଲାଇ 2019    11 ୱଫା 1398 ହି.ଶ    07 ଜୁଲ୍‌କାଦାଃ 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

وَاعۡتَصِمُوۡا بِحَبۡلِ اللّٰہِ جَمِیۡعًا وَّلَا تَفَرَّقُوۡا ۪ وَاذۡکُرُوۡا نِعۡمَتَ اللّٰہِ عَلَیۡکُمۡ اِذۡ کُنۡتُمۡ اَعۡدَآءً فَاَلَّفَ بَیۡنَ قُلُوۡبِکُمۡ فَاَصۡبَحۡتُمۡ بِنِعۡمَتِہٖۤ اِخۡوَانًا ۚ (آل عمران:104)

ଅନୁବାଦ- ଏବଂ ତୁମେମାନେ ସମସ୍ତେ ଅଲ୍ଲାଃଙ୍କ ରଜ୍ଜୁକୁ ଦୃଢ଼ ଭାବେ ଧାରଣ କର; ଏବଂ (ପରସ୍ପରଠାରୁ) ପୃଥକ ହୁଅ ନାହିଁ; ଏବଂ ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କ କୃପାକୁ ସ୍ମରଣ କର, ଯେତେବେଳେ କି ତୁମେମାନେ (ପରସ୍ପରର) ଶତ୍ରୁ ଥିଲ, ସେ ତୁମମାନଙ୍କ ହୃଦୟରେ ପ୍ରେମ ଭାବ ଜାଗ୍ରତ କରାଇଲେ, ଯଦ୍ୱାରା ତୁମେମାନେ ତାହାଙ୍କ କୃପାରୁ ଭାଇଭାଇ ହୋଇଗଲ ।

*(ଆଲେ ଇମରାନ୍: ୧୦୪)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

# ବିରୋଧିମାନେ କଲମଦ୍ୱାରା ଆମ ଉପରେ ଆକ୍ରମଣ କରିବାକୁ ଚାହୁଁଛନ୍ତି ଏବଂ କରୁଛନ୍ତି ମଧ୍ୟ

**(ତେଣୁ) ଏହା କେଡ଼େ ମୂର୍ଖତାପୂର୍ଣ୍ଣ କଥା ହେବ କି ଆମେ ସେମାନଙ୍କ ସହିତ କୁସ୍ତି କସରତ କରିବା ପାଇଁ ପ୍ରସ୍ତୁତ ହୋଇଯିବା । ମୁଁ ତୁମକୁ ଖୋଲିକରି ବତାଉଛି ଯେ ଏପରି ପରିସ୍ଥିତିରେ ଯଦି କେହି ଇସ୍‌ଲାମ୍‌ର ନାମ ନେଇ ଲଢ଼େଇ ଝଗଡ଼ା କରୁଅଛି ତେବେ ସେ ଇସ୍‌ଲାମକୁ ବଦ୍‌ନାମ କରୁଅଛି ।**

**ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ**

## ମସିହ ମଉଦ ଆ:ସଙ୍କ ଆବିର୍ଭାବର ଉଦ୍ଦେଶ୍ୟ

ଖୁଦାତାଲା ମୋତେ ଏଥିପାଇଁ ପ୍ରେରଣ କରିଛନ୍ତି ଯେ ମୁଁ ସେହି ସମସ୍ତ ଗୋପନ ଥିବା ଭଣ୍ଡାରକୁ ସଂସାରବାସୀଙ୍କୁ ଦେଖାଇବି ଓ ସେହି ଜାଜ୍ୱଲ୍ୟମାନ ମଣିମୁକ୍ତା ଉପରେ ବୋଳାଯାଇଥିବା ଅପବିତ୍ର ଆରୋପର କାଦୁଅକୁ ସଫା କରିବି । ଈଶ୍ୱରଙ୍କ ସ୍ୱାଭିମାନ ଏବେ ବହୁତ ତୀବ୍ର ହୋଇଛି ଯେ ସେ ପବିତ୍ର କୋରାନ୍‌ର ସମ୍ମାନକୁ ପ୍ରତ୍ୟେକ ଅପବିତ୍ର/ ଦୁଷ୍ଟ ଶତ୍ରୁଙ୍କ ଦ୍ୱାରା ଲଗାଯାଇଥିବା ଆରୋପର ଦାଗ ଠାରୁ ସଫା ଓ ପବିତ୍ର କରିବ ।

ସୁତରାଂ ଏପରି ପରିସ୍ଥିତି ଉପୁଜିଛି ଯେ ବିରୋଧିମାନେ ଆମ ଉପରେ କଲମ ଦ୍ୱାରା ଆକ୍ରମଣ କରିବାକୁ ଚାହୁଁଛନ୍ତି ଓ କରୁଛନ୍ତି । (ତେଣୁ) ଏହା କେଡ଼େ ମୂର୍ଖତାପୂର୍ଣ୍ଣ କଥା ହେବ କି ଆମେ ସେମାନଙ୍କ ସହିତ କୁସ୍ତି କସରତ କରିବା ପାଇଁ ପ୍ରସ୍ତୁତ ହୋଇଯିବା । ମୁଁ ତୁମକୁ ଖୋଲିକରି ବତାଉଛି ଯେ ଏପରି ପରିସ୍ଥିତିରେ ଯଦି କେହି ଇସ୍‌ଲାମ୍‌ର ନାମ ନେଇ ଲଢ଼େଇ ଝଗଡ଼ା କରୁଅଛି ତେବେ ସେ ଇସ୍‌ଲାମକୁ ବଦ୍‌ନାମ କରୁଅଛି । ଇସ୍‌ଲାମ୍‌ର କେବେ ଏ ଉଦ୍ଦେଶ୍ୟ ନଥିଲା ଯେ ବିନା କାରଣରେ ଓ ବିନା କୌଣସି ଆବଶ୍ୟକତାରେ ତରବାରୀ ଉଠାଯାଉ । ଯେପରି ମୁଁ କହିସାରିଛି ଯେ ବର୍ତମାନ ସମୟରେ ଯୁଦ୍ଧର (ନୂତନ) ଶୈଳୀ/ପ୍ରକ୍ରିୟାର ଉଦ୍ଦେଶ୍ୟ ଧର୍ମ ନୁହେଁ ବରଂ ସାଂସାରିକ /ପାର୍ଥୀବ ଉଦ୍ଦେଶ୍ୟ ପ୍ରାପ୍ତ କରିବା ସେମାନଙ୍କର ବିଷୟ ହୋଇଯାଇଛି । ତେଣୁ ଆରୋପ ଲଗାଉଥିବା ଲୋକମାନଙ୍କୁ ଉତର ଦେବା ପରିବର୍ତେ ତରବାରୀ ଦେଖାଇବା କେଡ଼େ ଜୁଲୁମ୍ ହେବ ଏବେ ଯୁଗମୁତାବକ ଯୁଦ୍ଧର ଶୈଳୀ ବଦଳି ଯାଇଛି ସେଥିପାଇଁ ଆବଶ୍ୟକ ଯେ ସର୍ବ ପ୍ରଥମେ ନିଜ ବୁଦ୍ଧି ଓ ବିବେକ ଦ୍ୱାରା କାମ ନିଅନ୍ତୁ । ଓ ମନକୁ ପବିତ୍ର କରନ୍ତୁ । ସଦାଚାରୀତା ଓ ଧର୍ମପରାଣତା ଦ୍ୱାରା ଖୁଦାତାଲାଙ୍କ ଠାରୁ ସାହାଯ୍ୟ ଓ ବିଜୟ ଇଛା କରନ୍ତୁ । ଏହା ଅଲ୍ଲାଃ ତାଲାଙ୍କର ଏକ ଅଟଳ କାନୁନ୍ ଓ ମଜ୍‌ବୁତ୍ ନିୟମ ଯେ ଯଦି ମୁସଲମାନମାନେ କେବଳ ତଥାକଥିତ କଥା ଦ୍ୱାରା ମୁକାବିଲାରେ ବିଜୟପ୍ରାପ୍ତ କରିବାକୁ ଚାହାନ୍ତି, ତେବେ ଏହା ସମ୍ଭବ ନୁହେଁ । ଅଲ୍ଲାଃ ତାଲା ନିରର୍ଥକ କଥା ଓ ଶବ୍ଦ ଗୁଡ଼ିକୁ ଚାହୁଁନାହିଁ, ସେ ତ ପ୍ରକୃତ ତକ୍‌ୱା (ଧର୍ମନିଷ୍ଠତା)କୁ ଚାହୁଁଅଛି ଓ ସଚ୍ଚା ପବିତ୍ରତାକୁ ପସନ୍ଦ କରନ୍ତି । ଯେପରି ସେ କହୁଛନ୍ତି **ଇନ୍ନଲ୍ଲାହା ମାଅଲ୍ଲଜିନତ୍ ତକ୍‌ୱା ୱଲ୍ଲଜିନା ହୁମ୍ ମୁହ୍‌ସିନୁନ୍ (ନହଲ: ୧୨୯)**

## ବୁଦ୍ଧିଦ୍ୱାରା ମଧ୍ୟ କାମ ନେବା ଉଚିତ

ଆମକୁ ବୁଦ୍ଧିଦ୍ୱାରା ମଧ୍ୟ କାମ ନେବା ଉଚିତ କାରଣ ମନୁଷ୍ୟ ବୁଦ୍ଧି ଦ୍ୱାରା ହିଁ ପରିଚାଳିତ । କୌଣସି ବ୍ୟକ୍ତି ମଧ୍ୟ ବୁଦ୍ଧି ବିରୋଧି କଥାକୁ ମାନିବା ପାଇଁ ବାଧ୍ୟ ହେବ ନାହିଁ । ଶକ୍ତି ଓ ସାହାସଠାରୁ ଅଧିକା କୌଣସି ପ୍ରକାରର ଶରିୟତି କଷ୍ଟକୁ ଉଠାଯାଇନାହିଁ । **ଲା ୟୁକଲ୍ଲିଫୁଲ୍ଲାହୁ ନଫ୍‌ସନ୍ ଇଲ୍ଲା ଉସ୍‌ଅହା** (ବକ୍‌ରାଃ:୨୮୭) ଏହି ଆୟତରୁ ସ୍ପଷ୍ଟ ହେଉଛି ଯେ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀଗୁଡ଼ିକ ଏପରି ନୁହେଁ ଯେ ସେଗୁଡିକୁ କେହି ପାଳନ କରିପାରିବେ ନାହିଁ ଓ ଶରିୟତ୍ ଓ ଏହ୍‌କାମ୍ (ନିର୍ଦ୍ଦେଶାବଳୀ) ଗୁଡ଼ିକ ଦୁନିଆରେ ଏଥିପାଇଁ ଅଲ୍ଲାଃ ତାଲା ଅବତୀର୍ଣ୍ଣ କରିଛନ୍ତି କି ଯଦ୍ୱାରା ସେ ନିଜର ଉଚ୍ଚ କୋଟିର ଭାଷା, ଶକ୍ତିଶାଳୀ କାନୁନ ଓ ଚତୁରାମିର ଗର୍ବ ମନୁଷ୍ୟ ଉପରେ ପ୍ରକାଶ କରୁ ଏବଂ ପୂର୍ବରୁ ଏପରି ମନସ୍ଥ କରିଥିଲା କି କେଉଁଠି ଅଭଦ୍ର ଦୂର୍ବଳ ମନୁଷ୍ୟ ଓ କେଉଁଠି ଉକ୍ତ ନିଦ୍ଦେଶାବଳୀ ଉପରେ ପରିଚାଳିତ ? ଖୁଦାତାଲା ସେଥିରୁ ଉର୍ଦ୍ଧରେ ଓ ପବିତ୍ର ଯେ ସେ ଏପରି ନିରର୍ଥକ/ବ୍ୟର୍ଥ କାର୍ଯ୍ୟ କରିବ । ହଁ ଇସାଇମାନଙ୍କର ଏ ବିଶ୍ୱାସ ଯେ ପୃଥିବୀରେ କୌଣସି ବ୍ୟକ୍ତି ଶରିୟତ୍‌ର ଅଧିନସ୍ଥ ଓ ଈଶ୍ୱରଙ୍କ ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହୋଇପାରିବ ନାହିଁ । ନିର୍ବୋଧମାନେ ଏତିକି ଜାଣିନାହାନ୍ତି ଯେ, ଏବେ ଖୁଦାଙ୍କ ଶରିୟତ୍ ଆସିବାର କଣ ଆବଶ୍ୟକ ଥିଲା ସେମାନଙ୍କ ଧାରଣା ଓ ବିଶ୍ୱାସରେ ଯେପରି ଅଲ୍ଲାଃ ତାଲା (ନଉଜୁବିଲ୍ଲାଃ) ପୂର୍ବରୁ ଆସିଥିବା ଅବତାରଙ୍କ ଉପରେ ଶରିୟତ (ଧର୍ମ ବିଧାନ) ଅବତୀର୍ଣ୍ଣ କରି ଏକ ନିରର୍ଥକ ଓ ବ୍ୟର୍ଥ କାର୍ଯ୍ୟ କରିଛନ୍ତି । ଅସଲରେ ଖଦାଙ୍କ ପବିତ୍ର ଅସ୍ତିତ୍ୱ ଉପରେ ଇସାଇମାନଙ୍କୁ ଏପ୍ରକାରର ଆରୋପ ଲଗାଇବାର ଆବଶ୍ୟକତା ସେହି ମନଗଢ଼ା କଫ୍‌ଫାରାଃ ବ୍ୟବସ୍ଥା ଯୋଗୁଁ ସମ୍ମୁଖୀନ ହେବାକୁ ପଡ଼ିଲା । ମତେ ଆଶ୍ଚର୍ଯ୍ୟ ଲାଗୁଛି ସେହି ଲୋକମାନେ ନିଜର ଏକ ମନଗଢ଼ା ବ୍ୟବସ୍ଥାକୁ ସ୍ଥାପନ କରିବା ପାଇଁ ଏକଥାର ମଧ୍ୟ ପରବାୟ କଲେ ନାହିଁ ଯେ, ଏହା ଦ୍ୱାରା ଖୁଦାଙ୍କ ଅସ୍ତିତ୍ୱ ଉପେର କେଉଁପ୍ରକାରର ଦାଗ ଲାଗୁଅଛି ।

## ପବିତ୍ର କୋରାନୀୟ ଶିକ୍ଷାର ପ୍ରତ୍ୟେକ ହୁକୁମ୍ ହେଉଛି ଉଦ୍ଦେଶ୍ୟ ପ୍ରଣଦିତ ଓ ସାର୍ଥକ

ହଁ ! ଏହି ବିଶେଷ ଗୁଣ ପବିତ୍ର କୋରାନ୍‌ର ଶିକ୍ଷାରେ ରହିଛି ଯେ, ତାହାର ପ୍ରତ୍ୟେକ ହୁକୁମ୍ ହେଉଛି ଉଦ୍ଦେଶ୍ୟ ପ୍ରଣଦିତ ଓ ସାର୍ଥକ ସେଥିଯୋଗୁଁ ସ୍ଥାନେ ସ୍ଥାନେ ପବିତ୍ର କୋରାନ୍‌ରେ ତାଗିଦ୍ କରାଯାଇଛି ଯେ, ବୁଦ୍ଧି, ବିବେକ, ଅନୁଶୀଳନ, ଧର୍ମଜ୍ଞାନ ଏବଂ ଇମାନ୍ ଦ୍ୱାରା କାମ ନିଆଯାଉ । ପବିତ୍ର କୋରାନ୍ ଓ ଅନ୍ୟାନ୍ୟ ପୁସ୍ତକଗୁଡ଼ିକ ମଧ୍ୟରେ ଏହା ହେଉଛି ଏକ ବିଶେଷତା । ଅନ୍ୟ କୌଣସି ପୁସ୍ତକ ନିଜର ଶିକ୍ଷାକୁ ବୁଦ୍ଧି, ସୁକ୍ଷ୍ମାତିସୁକ୍ଷ୍ମ ଅନୁଶୀଳନ ଓ ନିଃସଙ୍କୋଚ ସମାଲୋଚନାର ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ସାହାସ ହିଁ କରିନାହିଁ । ବରଂ ଇଞ୍ଜିଲ୍ ନିରବ ରହିଛି ଓ ବାକ୍‌ଚାତୁରୀକୁ ସମର୍ଥନ କରୁଥିବା ଲୋକେ (ଅର୍ଥାତ୍ ପାଦ୍ରୀମାନେ) ଏ କଥା ଚିନ୍ତା କରି, ଅର୍ଥାତ୍ ଇଞ୍ଜିଲ୍‌ର ଶିକ୍ଷା ବୁଦ୍ଧିର ମୁକାବିଲା କରିବାକୁ ଯେହେତୁ ଅସମର୍ଥ (ତେଣୁ) ଚାଲାଖି କରି ନିଜ ଅସ୍ଥା ଓ ବିଶ୍ୱାସରେ ଏ କଥା ଦାଖଲ କରିଦେଇଛନ୍ତି ଯେ, ତସ୍‌ଲିସ୍ ଏବଂ କଫାରାଃ (ଅର୍ଥାତ୍ ତିନିଜଣ ଈଶ୍ୱର ଓ ଜଣେ ଅନ୍ୟ ଜଣକ ପାପକୁ ବହନ କରିବା) ରେ ଏପରି ରହସ୍ୟ ରହିଛି ଯେ, ମନୁଷ୍ୟର ବୁଦ୍ଧି ତା'ର ଭେଦ ପର୍ଯ୍ୟନ୍ତ ପହଂଚିପାରିବ ନାହିଁ । ଏହାର ବୀପରିତ ଫୂର୍‌କାନ୍ ହମିଦ୍ (ଅର୍ଥାତ ଅଲ୍ଲାଃଙ୍କ ପୁସ୍ତକ) ଏ ଶିକ୍ଷା ଦେଇଛି ***ଇନ୍ନା ଫି ଖଲ୍‌କିସ୍ ସମାୱାତି ୱଲ୍‌ଅର୍‌ଜି ୱଖ୍‌ତିଲାଫିଲ୍ ଲୈଲି ୱନ୍‌ନାହାରୀ ଲଆୟାତିଲ୍ ଲିଉଲିଲ୍ ଅଲ୍‌ବାବ୍ ଅଲ୍‌ଲଜିନା ଯଜ୍‌କୁରୁନଲ୍ଲାହାଃ.... (ଆଲେ ଇମ୍‌ରାନ୍ ୧୯୧-୧୯୨)*** ଅର୍ଥାତ୍ ଆକଶ ପୃଥିବୀର ସୃଷ୍ଟିରେ ଏବଂ ଦିବସ ଓ ରାତ୍ରୀର କ୍ରମାନ୍ୱୟରେ ଆଗମନ ହେବା ଜ୍ଞାନୀ ଲୋକମାନଙ୍କୁ ସେହି ଅଲ୍ଲାଃଙ୍କ ସମ୍ବନ୍ଧରେ ସ୍ପଷ୍ଟ ଠିକଣା ଦେଇଥାଏ ଯାହା ପ୍ରତି ଇସ୍‌ଲାମ ଧର୍ମ ନିମନ୍ତ୍ରଣ କରୁଅଛି । ଏହି ଆୟତରେ କିଭଳି ଭାବେ ସ୍ପଷ୍ଟରୂପେ ନିର୍ଦ୍ଦେଶ ରହିଛି କି, ଜ୍ଞାନୀ ଲୋକମାନେ ନିଜ ବୁଦ୍ଧି ଓ ବିବେକ ଦ୍ୱାରା ମଧ୍ୟ କାମ ନିଅନ୍ତି ।

⌘⌘⌘⌘⌘⌘⌘⌘⌘⌘⌘

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୦ର ଅବଶିଷ୍ଟାଂଶ.....*

ପହଂଚିଗଲା । ତା'ପରେ ହଜୁର ସ.ଅଙ୍କ ଖବର ନେଇ ସିଧା ବନୁ ଅବଦିଲ୍ ଶହଲର ମସଜିଦ୍‌ରେ ପହଂଚିଗଲା ଯେଉଁଠାରେ ହଜୁର ସ.ଅ ବିରାଜିତ ରହୁଥିଲେ । ଉକ୍ତ ବ୍ୟକ୍ତି ଜଣକ ଯେମିତି ମସଜିଦ୍‌ରେ ପ୍ରବେଶ କରିଛି ହଜୁର ତାହାକୁ ନିଜ ଆଡ଼କୁ ଆସୁଥିବାର ଦେଖି କହିଲେ ଏ କୌଣସି ମନ୍ଦ ଉଦ୍ଦେଶ୍ୟରେ ଆସିଛି । ଏହା ଶୁଣିବା ମାତ୍ରେ ସେ ଆହୁରି ତୀବ୍ର ବେଗରେ ହଜୁର ସ.ଅଙ୍କ ନିକଟକୁ ବଢିଲା କିନ୍ତୁ ଜଣେ ଅନସାରୀ ମୁଖିଆ ହଜରତ ଅସଦ ବିନ୍ ହଜିର୍ ଡ଼େଇଁପଡ଼ି ତାହାକୁ ଧରିନେଲେ । ଯେତେବେଳେ ତାହାକୁ କାବୁ କରିନିଆଗଲା ହଜୁର ତାକୁ ପଚାରିଲେ ସତ କୁହ ତୁମେ କିଏ ଓ କେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଛ ? ଯଦ୍ୱାରା ସେ ସମସ୍ତ ସଡ଼ଯନ୍ତ୍ର ସମ୍ବନ୍ଧରେ ହଜୁର ସ.ଅଙ୍କୁ ଅବଗତ କରିଦେଲା ଏବଂ ଏହା ମଧ୍ୟ କହିଲା କି ଏହି କାର୍ଯ୍ୟ ସମ୍ପାଦନ କଲେ ଅବୁ ସୁଫୟାନ ତାହାକୁ ଏଭଳି ଏଭଳି ପୁରସ୍କାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଇଛି । ଏଥିଅନ୍ତେ ଉକ୍ତ ବ୍ୟକ୍ତି କିଛି ଦିନ ମଦିନାରେ ରହିଲା ଏବଂ ସ୍ୱଇଚ୍ଛାରେ ମୁସଲମାନ ହୋଇଗଲା । ଅବୁ ସୁଫୟାନର ଏହି ରକ୍ତପାତ ମୂଳକ ସଡ଼ଯନ୍ତ୍ର ମୁସଲମାନମାନେ ଆଗ ଅପେକ୍ଷ ଅଧିକ ସଜାଗ ରହିବା ଜରୁରୀ ମଣିଲେ କି ମକ୍କାବାସୀଙ୍କ ମନ୍ଦ ଉଦ୍ଦେଶ୍ୟ ଓ ମନ୍ଦବୁଦ୍ଧି ସହ ଅବଗତ ରହିବା । ସୁତରାଂ ହଜୁର ସ.ଅ ଏଥିନିମନ୍ତେ ଦୁଇ ଜଣ ସାହାବା ହଜରତ ଉମରୋ ବିନ୍ ଉମୟା ଜମରି ଓ ସଲମା ବିନ୍ ଅସଲମ୍‌ଙ୍କୁ ଗୁପ୍ତଚର ଭାବରେ ମକ୍କା ପ୍ରେରଣ କଲେ ଏବଂ ଅବୁ ସୁଫୟାନର ଏପରି ହତ୍ୟାକାଣ୍ଡ ମୂଳକ ସଡ଼ଯନ୍ତ୍ର ଓ ପୂର୍ବ ହତ୍ୟାକାଣ୍ଡ ମୂଳକ ଗତିବିଧି ଦୃଷ୍ଟିକୋଣରୁ ସେମାନଙ୍କୁ ଏହି ଅନୁମତି ମଧ୍ୟ ପ୍ରଦାନ କରିଥିଲେ କି ଯଦି ସୁଯୋଗ ମିଳେ ତେବେ ଇସଲାମ ସହ ଯୁଦ୍ଧ ଅବ୍ୟାହତ ରଖିଥିବା ଏହି ଅତି କୃର ଶତ୍ରୁର ବଧ କରିଦେବ । କିନ୍ତୁ ଯେତେବେଳେ ହଜରତ ଉମୟା ଓ ହଜରତ ସଲମା ବିନ୍ ଅସଲମ୍ ମକ୍କାରେ ପହଂଚିଲେ ସେତେବେଳେ କୁରୈଶ ସତର୍କ ହୋଇଗଲେ ଓ ଉକ୍ତ ଦୁଇ ସାହାବା ନିଜ ଜୀବନ ରକ୍ଷା କରି ସେଠାରୁ ଫେରିଆସିଲେ । ରାସ୍ତାରେ ସେମାନଙ୍କୁ କୁରୈଶର ଦୁଇ ଜଣ ଗୁପ୍ତଚର ମିଳିଗଲେ ଯାହାଙ୍କୁ କୁରୈଶର ମୁଖିଆ ମୁସଲମାନମାନଙ୍କ ଗତିବିଧି ଲକ୍ଷ କରିବାକୁ ଓ ହଜୁର ସ.ଅଙ୍କ ଅବସ୍ଥା ସମ୍ବନ୍ଧରେ ଖବର ନେବାକୁ ପ୍ରେରଣ କରିଥିଲେ । ହଜୁର ଅନଓ୍ୱର ଅ.ବ କୁହନ୍ତି- ବର୍ତମାନ ଏହା ମଧ୍ୟ କୌଣସି ଆଶ୍ଚର୍ଯ୍ୟ ହେବାର କଥା ନୁହେଁ ଯେ ଏହି ଯୋଜନା ମଧ୍ୟ କୁରୈଶଙ୍କର ଆଉ କୌଣସି ହତ୍ୟାକାଣ୍ଡର ଭିତିଭୂମି ଥିଲା । ତେବେ ଉକ୍ତ ସାହାବି ଦ୍ୱୟଙ୍କୁ ସେହି ଗୁପ୍ତଚରଙ୍କ ସମ୍ବନ୍ଧରେ ଖବର ମିଳିଗଲା, ବସ୍ତୁତଃ ସେମାନେ ଉକ୍ତ ଗୁପ୍ତଚରଙ୍କ ଉପରେ ଆକ୍ରମଣ କରି କଏଦ କରିବାକୁ ଚେଷ୍ଟା କଲେ କିନ୍ତୁ ସେମାନେ ମୁକାବିଲା କରିବା ଆରମ୍ଭ କଲେ । ଅତଏବ ସେହି ଲଢେଇରେ ଜଣେ ଗୁପ୍ତଚରର ମୃତ୍ୟୁ ହେଲା ଓ ଅନ୍ୟ ଜଣକୁ କଏଦ କରି ସାହାବା ଦ୍ୱୟ ମଦିନା ନେଇ ଆସିଲେ । ହଜରତ ଉମ୍ମେ ଅମାରା ବର୍ଣ୍ଣନା କରନ୍ତି ମୁଁ ସୁଲେ ହୁଦେବିୟା ଦିନ ହଜୁର ସ.ଅ ବସିଥିବା ସମୟରେ ଆପଣଙ୍କୁ ଦେଖୁଥିଲି ଯେତେବେଳେ କି ହଜରତ ଅବାଦ ବିନ୍ ବଶର ଓ ହଜରତ ସଲମା ବିନ୍ ଅସ୍‌ଲମ୍ ଉଭୟେ ଯୁଦ୍ଧ ବସ୍ତ୍ର ପରିଧାନ କରି ହଜୁର ସ.ଅଙ୍କ ଅଙ୍ଗରକ୍ଷକ ଭାବରେ ପହରା ଦେଉଥିଲେ । ଯେତେବେଳେ କୁରୈଶର ଦୂତ ସୋହେଲ ବିନ୍ ଉମେର ଉଚ୍ଚଶ୍ୱରରେ କହିବା ଆରମ୍ଭ କଲେ ସେତେବେଳେ ଉକ୍ତ ଅଙ୍ଗରକ୍ଷୀ ଦ୍ୱୟ କହିଲେ ନିଜ ଶ୍ୱର ହଜୁର ସ.ଅଙ୍କ ନିକଟରେ ଧିମା ରଖ । ଏହା ସେମାନଙ୍କର ଏକ ବିଶେଷ ସେବା ଥିଲା ଯାହାକି ସେମାନେ ସେହି ଅବସରରେ ସମ୍ପାଦନ କରିଥିଲେ ।

ପରବର୍ତୀ ଯେଉଁ ସାହାବାଙ୍କ ଚର୍ଚ୍ଚା କରିବି ତାଙ୍କ ନାମ ହଜରତ ଉକବା ବିନ୍ ଉସମାନ ଅଟେ । ହଜରତ ଉକବା ଓ ଆପଣଙ୍କ ଭାଇ ହଜରତ ସାଦ ବିନ୍ ଉସମାନ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲା ।

ପରବର୍ତୀ ସାହାବି ହେଲେ ହଜରତ ଅବଦୁଲ୍ଲାଃ ବିନ୍ ସହଲ୍ । ସେ ହଜରତ ରାଫେ ବିନ୍ ସହଲ୍‌ଙ୍କର ଭାଇ ଥିଲେ । ସେ ବଦର, ଓ୍ୱହଦ ଓ ଖନ୍ଦକ ଯୁଦ୍ଧରେ ସାମିଲ ଥିଲେ ଏବଂ ଖନ୍ଦକ ଯୁଦ୍ଧରେ ଶହିଦ୍ ହୋଇଥିଲେ । ହମରା ଉଲ୍ ଅସଦ୍ ଯାହାକି ମଦିନା ଠାରୁ ଆଠ ମିଲ୍ ଦୂରରେ ଅବସ୍ଥିତ ଏକ ସ୍ଥାନ ଅଟେ ସେହି ସ୍ଥଳେ ଯେଉଁ ଯୁଦ୍ଧ ଲଢାଯାଇଥିଲା ସେଥିରେ ମଧ୍ୟ ହଜରତ ଅବଦୁଲ୍ଲାଃ ସାମିଲ ହେବାର ବର୍ଣ୍ଣନା ସିରତ ନବୀ ସ.ଅ ପୁସ୍ତକରେ ମିଳୁଅଛି । ଓ୍ୱହଦ ଯୁଦ୍ଧରେ ଆପଣ ଓ ଆପଣଙ୍କ ଭାଇ ଅତ୍ୟଧିକ କ୍ଷତବିକ୍ଷତ ହୋଇଥିଲେ । ଯେତେବେଳେ ଦୁଇ ଭାଇ ହମରା ଉଲ୍ ଅସଦ ଯୁଦ୍ଧରେ ସାମିଲ ହେବା ବାବଦରେ ହଜୁର ସ.ଅଙ୍କ ଆଦେଶ ଶୁଣିଲେ ସେତେବେଳେ ଜଣେ ଅନ୍ୟ ଜଣକୁ କହିଲେ ଅଲ୍ଲାଃଙ୍କ ରାଣ ଯଦି ଆମେ ହଜୁର ସ.ଅଙ୍କ ସାଥିରେ ଯୁଦ୍ଧରେ ସାମିଲ ନହୁଏ ତେବେ ଏହା ଆମର ବହୁତ ବଡ଼ ଦୁର୍ଭାଗ୍ୟ ହେବ । ଅଲ୍ଲାଃଙ୍କ ରାଣ ! ଆମ ନିକଟରେ କୌଣସି ବାହନ ନାହିଁ । ହଜରତ ଅବଦୁଲ୍ଲାଃ କହିଲେ ମୋ ସହିତ ଆସ ଆମେ ଚାଲିଚାଲି ଯିବା । ଅତଏବ ସେମାନେ ପଡ଼ିଉଠି ଯୁଦ୍ଧ କ୍ଷେତ୍ର ଆଡ଼କୁ ଚାଲିଚାଲି ଅଗ୍ରସର ହେଲେ, ହଜରତ ରାଫେ ଦୁର୍ବଳ ଅନୁଭବ କରିବାରୁ ହଜରତ ଅବଦୁଲ୍ଲାଃ ତାଙ୍କୁ ନିଜ ପିଠି ଉପରେ ଉଠାଇନେଲେ ଏପରି ଦୁହେଁ ଇଶା ବେଳକୁ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇଗଲେ । ସେହି ଦିନ ରାତିରେ ହଜରତ ଅବାଦ ବିନ୍ ବଶର ହଜୁର ସ.ଅଙ୍କୁ ପହରା ଦେବା ପାଇଁ ମୁତୟନ ଥିଲେ । ହଜୁର ସ.ଅ ସେହି ଦୁହିଁଙ୍କୁ ପଚାରିଲେ ତୁମେ ଦୁହେଁ କେଉଁ କାରଣ ଯୋଗୁଁ ପଛରେ ରହିଯାଇଥିଲ, ସେମାନେ କାରଣ ଦର୍ଶାଇଲେ । ଏଥିରେ ହଜୁର ସ.ଅ ସେମାନଙ୍କୁ ଦୁଆ ଦେଇ କହିଲେ ଯଦି ତୁମ ଦୁହିଁଙ୍କୁ ଦିର୍ଘ ଜୀବନ ଲାଭ ହୁଏ ତେବେ ତୁମେ ଦେଖିବ ଯେ, ତୁମମାନଙ୍କୁ ଘୋଡ଼ା, ଖଚର ଓ ଓଟ ବାହନ ରୂପେ ପ୍ରାପ୍ତ ହେବ । **କିନ୍ତୁ ତାହା ତୁମ ପାଇଁ ତୁମର ଏହି ଯାତ୍ରାଠାରୁ ଶ୍ରେୟସ୍କର ହେବ ନାହିଁ ଯାହାକି ତୁମେ ପଡ଼ିଉଠି ଚାଲିଚାଲି ଅତିକ୍ରମ କରିଛ । ଏହାର ପ୍ରତିଫଳ ଓ ପରଣାମ ବେଶ୍ ଅଧିକ ।**

ହମରା ଉଲ୍ ଅସଦ୍ ଯୁଦ୍ଧର କାରଣ ଦର୍ଶାଇ ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି ଓ୍ୱହଦ ଯୁଦ୍ଧ ପରେ ମଦିନାରେ ଯେଉଁ ରାତି ଥିଲା ତାହା ଅତ୍ୟନ୍ତ ଭୟାବହ ଓ କଷ୍ଟକର ରାତ୍ରି ଥିଲା କାରଣ ଯଦିଚ କୁରୈଶର ସୈନିକମାନେ ମକ୍କା ଫେରିବା ମାର୍ଗ ଧରିନେଇଥିଲେ କିନ୍ତୁ ଏହି ଆଶଙ୍କା ଲାଗି ରହିଥିଲା କି ଅମାନ୍ୟକାରୀମାନେ ଏପରି ହରକତ୍ ମୁସଲମାନମାନଙ୍କୁ ଭ୍ରମିତ କରିବା ନିମନ୍ତେ ହୋଇନଥାଉ । ସୁତରାଂ ସେହି ଦିନ ରାତିରେ ମଦିନାରେ ପହରା ଦେବାର ବ୍ୟବସ୍ଥା କରାଗଲା । ବିଶେଷ କରି ହଜୁର ସ.ଅଙ୍କ ଘର ଚର୍ତୁପାର୍ଶ୍ୱରେ ସାହାବା ପୂର୍ଣ୍ଣ ରାତ୍ର ପହରା ଦେଲେ । ସକାଳ ହେବାରୁ ଜଣା ପଡ଼ିଲା ସେହି ଆଶଙ୍କା ଅକାରଣେ ନଥିଲା, କାରଣ ଫଜର ନମାଜ ପୂର୍ବରୁ ହଜୁର ସ.ଅଙ୍କୁ ଏହି ଖବର ମିଳିଲା କି କୁରୈଶଙ୍କ ସୈନ୍ୟସାମନ୍ତ ମଦିନାରୁ କିଛି ଦୂରେ ଅଟକି ଯାଇଛି ଓ କୁରେଶ ମୁଖିଆଗଣଙ୍କ ମଧ୍ୟରେ ଏହି ତର୍କବିତର୍କ ଚାଲିଥିଲା କି ଏହି ଜୟଯୁକ୍ତରୁ ଉପକୃତ ହୋଇ କାହିଁକି ବା ମଦିନା ଉପରେ ଆକ୍ରମଣ କରିନଦିଆଯାଉ । ଏହା ବିପରୀତ ସେମାନଙ୍କ ମଧ୍ୟରୁ କେତେକ କହୁଥିଲେ କି ତୁମମାନଙ୍କୁ ଗୋଟିଏ ବିଜୟ ଲାଭ ହୋଇଛି, ଏହାକୁ ନିଜର ସୌଭାଗ୍ୟ ମଣି ମକ୍କା ଫେରିଚାଲ । ଏପରି ନହୁଏ କି ବିଜୟ ପରାଜୟରେ ପରିଣତ ହୋଇଯାଉ କାରଣ ଯଦି ବର୍ତମାନ ତୁମେ ମଦିନା ଉପରେ ଆକ୍ରମଣ କର ତେବେ ସୁନିଶ୍ଚିତ ରୂପେ ମୁସଲମାନମାନେ ପ୍ରାଣମୋଛା ଆକ୍ରମଣ କରିବେ ଏବଂ ଯେଉଁମାନେ ଓ୍ୱହଦ ଯୁଦ୍ଧରେ ସାମିଲ ନଥିଲେ ସେମାନେ ମଧ୍ୟ ମଇଦାନକୁ ବାହରି ଆସିବେ । ହଜୁର ସ.ଅଙ୍କୁ ଯେତେବେଳେ ଏସମସ୍ତ ଘଟଣାର ସୂଚନା ମିଳିଲା ସେତେବେଳେ ହଜୁର ସ.ଅ ସଙ୍ଗେସଙ୍ଗେ ଘୋଷଣା କରିଦେଲେ କି ମୁସଲମାନମାନେ ପ୍ରସ୍ତୁତ ହୋଇଯାନ୍ତୁ କିନ୍ତୁ ଏଥିସହିତ ଏହି ଆଦେଶ ମଧ୍ୟ ଦେଲେ କି କେବଳ ଓ୍ୱହଦ ଯୁଦ୍ଧରେ ସାମିଲ ହୋଇଥିବା ଲୋକମାନେ ହିଁ ଆମ ସହିତ ଯିବେ ତାଙ୍କ ବ୍ୟତୀତ ଅନ୍ୟ କେହି ବାହାରନ୍ତୁ ନାହିଁ । ଆଠ ମିଲ୍ ଦୂର ଅତିକ୍ରମ କରି ହଜୁର ସ.ଅ ହମରା ଉଲ୍ ଅସଦ୍ ଠାରେ ପହଂଚିଲେ ଯେଉଁସ୍ଥଳେ ଦୁଇଜଣ ମୁସଲମାନଙ୍କର ଶବ ପଡ଼ି ରହିଥିବାର ସେମାନଙ୍କୁ ମିଳିଲା । ହଜୁର ସ.ଅ ଉକ୍ତ ଶହିଦ୍‌ଙ୍କ ଶବକୁ ଗୋଟିଏ କବର ଖୋଳି ଏକତ୍ର ପୋତିଦେଲେ ଏବଂ ସେହିଠାରେ ଶିବିର ଲଗାଇ ପଡ଼ିଆର ବିଭିନ୍ନ ସ୍ଥାନରେ ଅଗ୍ନି ପ୍ରଜ୍ୱଳିତ କରିବାର ଆଦେଶ ଦେଲେ । ଅତଏବ ଦେଖୁଦେଖୁ ହମରା ଉଲ୍ ଅସଦ୍‌ର ବିସ୍ତିର୍ଣ୍ଣ ପଡ଼ିଆରେ ୫୦୦ ଅଗ୍ନି କୁଣ୍ଡ ପ୍ରଜ୍ୱଳିତ ହୋଇଉଠିଲା । ଯାହାକି ପ୍ରତ୍ୟେକ ଦେଖଣାହାରୀର ହୃଦୟକୁ ଭୟର ସାଗରେ ନିକ୍ଷେପ କରିଦେଉଥିଲା । ଏହି ସମୟରେ ଖଯାଆ କବିଲାର ଜଣେ ଅମାନ୍ୟକାରୀ ମୁଖିଆ ମାଆବଦ୍ ନାମି ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହେଲା ଏବଂ ଓ୍ୱହଦ୍ ଯୁଦ୍ଧରେ ଶହିଦ୍ ହୋଇଥିବା ମୁସଲମାନମାନଙ୍କୁ ନେଇ ସହାନୁଭୂତି ପ୍ରଦର୍ଶନ କରି କ୍ଷୋଭ ପ୍ରକାଶ କଲା । ତାପରେ ନିଜ ରାସ୍ତାରେ ଚାଲିଗଲା । ଦ୍ୱିତୀୟ ଦିନ ଯେତେବେଳେ ସେ ରୋହା ଯାହାକି ମଦିନା ଠାରୁ ୪୦ମିଲ୍ ଦୂରରେ ଅବସ୍ଥିତ ସ୍ଥାନରେ ପହଂଚିଲା, କୁରୈଶର ସୈନ୍ୟସାମନ୍ତଙ୍କୁ ଭେଟିଲା ଯେ ସେଠାରେ ଶିବିର ଲଗାଇ ଅଟକି ରହିଥିଲେ ଏବଂ ସେମାନେ ମଦିନ ଉପରେ ପୁନଃ ଆକ୍ରମଣ କରିବାର ପ୍ରସ୍ତୁତି କରୁଥିଲେ । ମାଆବଦ୍ ସଙ୍ଗେସଙ୍ଗେ ଅବୁ ସୁଫୟାନ ନିକଟକୁ ଯାଇ କହିଲା ତୁମେ ଏ କ'ଣ କରିବାକୁ ଯାଉଛ । ଅଲ୍ଲାଃଙ୍କ ରାଣ ! ମୁଁ କାଲି ରାତିରେ ହିଁ ମହମ୍ମଦ ସ.ଅଙ୍କୁ ତାଙ୍କର ସୈନ୍ୟସାମନ୍ତ ସହ ହମରା ଉଲ୍ ଅସଦ୍ ଠାରେ ଦେଖିଆସିଛି ଏବଂ ଏଭଳି ଭୟଙ୍କର ସୈନ୍ୟସାମନ୍ତ ମୁଁ ପୂର୍ବରୁ କଦାପି ଦେଖି ନାହିଁ ଏବଂ ଓ୍ୱହଦ ଯୁଦ୍ଧର ପରାସ୍ତରେ ସେମାନେ ଏଭଳୀ ଉତ୍କ୍ଷିପ୍ତ କି ତୁମମାନଙ୍କୁ ଦେଖିଲା ମାତ୍ରେ ସେମାନେ ଭସ୍ମ କରିଦେବେ । ଅବୁ ସୁଫୟାନ ଓ ତାହାର ସାଥିମାନଙ୍କ ଉପରେ ମାଆବଦ୍‌ର ଏହି ସୂଚନା ଏଭଳି ଭିଷଣ ପ୍ରଭାବ ପକାଇଲା କି ସେମାନେ ମଦିନା ଉପରେ ଆକ୍ରମଣ କରିବା ବିଚାର ପରିହାର କରି ସଙ୍ଗେସଙ୍ଗେ ମକ୍କା ଫେରିଗଲେ । **ହଜୁର ସ.ଅଙ୍କୁ କୁରେଶଙ୍କର ଏପରି ପଳାୟନ କରିବାର ଖବର ପାଇବା ପରେ ନିଜ ସୃଷ୍ଟିକର୍ତାଙ୍କର ଅଶେଷ କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ ଏହା ପ୍ରଭୁଙ୍କର ଭୟ ଥିଲା ଯାହାକି ଅମାନ୍ୟକାରୀଙ୍କ ହୃଦୟକୁ କବଳିତ କରିଦେଲା ।**

ହଜୁର ଅନଓ୍ୱର ଅ.ବ କହିଲେ- ପରବର୍ତୀ ସାହାବା ଜାହାଙ୍କ ଚର୍ଚ୍ଚା କରିବି ସେ ହେଲେ ହଜରତ ଉତବା ବିନ୍ ରବିୟା । ସେ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲା । ଅଲାମା ଇବନେ

*ଅବଶିଷ୍ଟାଂଶ ପୃଷ୍ଠା- ୦୭ ରେ ଦେଖନ୍ତୁ...*

## ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୨୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବରକତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର ଇସ୍‌ଲାହ ଓ୍ୱ ଇରଶାଦ୍ ମର୍କଜିଆ କାଦିଆନ୍)**

# : ଖୁତ୍‌ବା ଜୁମା :

**ଆମେ ଖୁଦାଙ୍କଠାରୁ ଖୁଦାଙ୍କୁ ଯଦି ମାଗିବା ତେବେ ସେ ପ୍ରତ୍ୟକଙ୍କୁ ମିଳିପାରନ୍ତି**

**ଯାହାକୁ ଈଶ୍ୱର ମିଳିଯାନ୍ତି ତା ପାଦତଳେ ସଂସାରର ପ୍ରତ୍ୟେକ ପୁରସ୍କାର ଠୁଳ ହୋଇଯାଏ**

**ଜୁମା ନାମଜ୍‌ରେ ଉପସ୍ଥିତି ଏବଂ ଯାମେ ମସ୍‌ଜିଦ୍‌ରେ ଯାଇ ନାମଜ୍ ଜୁମା ପାଠ କରିବା ଏବଂ ଇମାମ୍‌ଙ୍କ ଖୁତ୍‌ବା ଶୁଣିବା ତୁମପାଇଁ ତୁମ ବାଣିଜ୍ୟ ବ୍ୟବସାୟଠାରୁ, କାରବାରଠାରୁ, ସାଂସାରିକ କାର୍ଯ୍ୟଠାରୁ ହଜାର ହଜାର ଓ ଲକ୍ଷେଗୁଣା ଅଧିକା ଉତମ ।**

**ସାଂସାରିକ କାରବାର ହେଉ ବା ଅନ୍ୟାନ୍ୟ ନେମତ୍ (ଅର୍ଥାତ ବୈଭବ) ହେଉ ଏହା ଅଲ୍ଲାଃ ତାଲାଙ୍କ କୃପାରୁ ହିଁ ପ୍ରାପ୍ତ ହୋଇଥାଏ ।**

**ବହୁତ ତତ୍‌ପରତାର ସହିତ ଆମକୁ ନିଜ ଜୁମାର ସୁରକ୍ଷା କରିବା ଉଚିତ ଯେଉଁଭଳି ରମ୍‌ଜାନ ମାସର ଶେଷ ଜୁମାଟିକୁ ଗୁରୁତ୍ୱ ଦିଆଯାଉଛି ସେହିପରି ବର୍ଷ ତମାମର ଜୁମାଗୁଡ଼ିକୁ ମଧ୍ୟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ।**

**ଅଲ୍ଲାଃ ତାଲାଙ୍କ ହକ୍‌କୁ ପ୍ରଦାନ କରିବାକୁ ହେଲେ ଅଲ୍ଲାଃ ତାଲାଙ୍କ ପ୍ରଶନ୍ନତା ହାସଲ କରିବା ଜରୁରୀ ଅଟେ ।**

**ବର୍ଷକରେ ଗୋଟିଏ ଜୁମାକୁ ହିଁ ଯଥେଷ୍ଟ ମଣ ନାହିଁ ବରଂ ପ୍ରତ୍ୟେକ ଜୁମା ହେଉଛି ଗୁରୁତ୍ୱପୂର୍ଣ୍ଣ ।**

**ଯଦି ଆମର ଆଜି ଆମର ବିଗତ କାଲିଠାରୁ ଉତମ ନାହିଁ ତେବେ ଆମେ ପ୍ରକୃତରେ ମୁମିନ୍ ନୁହେଁ ।**

**ଅଲ୍ଲାଃ ତାଲାଙ୍କ ପାଇଁ ସମ୍ପୂର୍ଣ୍ଣରୂପେ ନିଷ୍ଠାର ସହିତ ଉପାସନା କରୁଥିବା ଲୋକେ ନିଜର ଉପାସନାକୁ ରମ୍‌ଜାନ ମଧ୍ୟରେ ସିମୀତ ରଖନ୍ତି ନାହିଁ ବରଂ ସେମାନଙ୍କର ଉପାସନା ବର୍ଷ ତମାମ ଆଚ୍ଛାଧିତ ହୋଇ ରହେ । ଏପରି ଲୋକେ ସାଂସାରିକ ମନସ୍କାମନା ପୂରଣ ହେବାପାଇଁ ଦୁଆ କରନ୍ତି ନାହିଁ ବରଂ ସେମାନେ ଅଲ୍ଲାଃ ତାଲାଙ୍କୁ ମାଗିବାର ଦୁଆ କରିଥାନ୍ତି ।**

## ପବିତ୍ର ରମ୍‌ଜାନ ମାସର ଶେଷ ଜୁମାର ବାବରକତ୍ ଅବସରରେ ଜୁମା ନମାଜ୍‌ର ଗୁରୁତ୍ୱ ଏବଂ ଦୁଆ ଗ୍ରହଣୀୟ ହେବାର ଫିଲୋସଫିର ବର୍ଣ୍ଣନା ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୩୧ ମଇ ୨୦୧୯ ଅନୁଯାୟୀ ୩୧ ହିଜ୍‌ରତ୍ ୧୩୯୮ ହିଜ୍‌ରି ଶମ୍‌ସି)**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

يٰۤاَيُّهَا الَّذِيْنَ اٰمَنُوْۤا اِذَا نُوْدِيَ لِلصَّلٰوةِ مِنْ يَّوْمِ الْجُمُعَةِ فَاسْعَوْا اِلٰى ذِكْرِ اللّٰهِ وَذَرُوا الْبَيْعَ ؕ ذٰلِكُمْ خَيْرٌ لَّكُمْ اِنْ كُنْتُمْ تَعْلَمُوْنَ ○ فَاِذَا قُضِيَتِ الصَّلٰوةُ فَانْتَشِرُوْا فِي الْاَرْضِ وَابْتَغُوْا مِنْ فَضْلِ اللّٰهِ وَاذْكُرُوا اللّٰهَ كَثِيْرًا لَّعَلَّكُمْ تُفْلِحُوْنَ ○ وَاِذَا رَاَوْا تِجَارَةً اَوْ لَهْوَا انْفَضُّوْۤا اِلَيْهَا وَتَرَكُوْكَ قَآئِمًا ؕ قُلْ مَا عِنْدَ اللّٰهِ خَيْرٌ مِّنَ اللَّهْوِ وَمِنَ التِّجَارَةِ ؕ وَاللّٰهُ خَيْرُ الرّٰزِقِيْنَ ○ (الجمعة 10 تا 12)

ତଶହୁଦ୍, ତଉଜ ଏବଂ ସୁରଃ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ.ବ ସୁରେ ଜୁମାର ଅନ୍ତିମ ପଙ୍‌କ୍ତି ପାଠ କଲେ ଓ ତାହର ଅନୁବାଦ ଉପସ୍ଥାପନ କଲେ - **ୟା ଅୟୁହଲ୍ ଲଜିନା ଆମନୁ ଇଜା ନୁଦିୟା ଲିସ୍‌ସଲାତି ମିଁୟୋମିଲ୍ ଜୁମୁଅତି ଫସ୍‌ଅଓ୍ୱ ଇଲା ଜିକ୍‌ରିଲ୍ଲାହି ଓ୍ୱଜରୁଲ୍ ବୈ । ଜାଲିକୁମ୍ ଖୈରୁଲ୍ଲକୁମ୍ ଇନ୍ କୁନ୍‌ତୁମ୍ ତାଲମୁନ୍ । ଫଇଜା କୁଜିୟାତିସ୍‌ସଲାତୁ ଫନ୍‌ତଶିରୁ ଫିଲ୍ ଅର୍‌ଜି ଓ୍ୱବ୍‌ତଗୁ ମିନ୍ ଫଜ୍‌ଲିଲ୍ଲାହି ଓ୍ୱଜ୍‌କୁରୁଲ୍ଲାହା କସିରଲ୍ଲା ଅଲ୍ଲକୁମ୍ ତୁଫ୍‌ଲିହୁନ୍ । ଓ୍ୱଇଜା ରାଅଓ୍ୱ ତିଜାରତନ୍ ଅଓ୍ୱ ଲହ୍‌ଓ୍ୱନ୍ ଫଜ୍ଜୁ ଇଲୈହା ଓ୍ୱତରକୁକା କାଇମା । କୁଲ୍ ମାଇନ୍‌ଦଲ୍ଲାହି ଖୈରୁମ୍ ମିନଲ୍ ଲହ୍‌ଓ୍ୱି ଓ୍ୱମିନତ୍ ତିଜାରାହ୍ । ଓ୍ୱଲ୍ଲାହୁ ଖୈରୁର୍ ରାଜିକିନ୍ ।** ଅର୍ଥାତ ହେ ବିଶ୍ୱାସକାରୀଗଣ ! ଯେତେବେଳେ ତୁମମାନଙ୍କୁ ଜୁମା ଦିନ ନମାଜ (ଜୁମା) ପାଠ କରିବା ସକାଶେ ଡ଼କା ଯାଏ ସେତେବେଳେ ଅଲ୍ଲାଃଙ୍କୁ ସ୍ମରଣ କରିବା ପାଇଁ ଶୀଘ୍ର ଶୀଘ୍ର ଗମନ କର ଏବଂ କ୍ରୟବିକ୍ରୟ ପରିତ୍ୟାଗ କର । ଯଦି ତୁମମାନଙ୍କର କିଛି ମଧ୍ୟ ଜ୍ଞାନ ଥାଏ ତେବେ ଏହା ତୁମମାନଙ୍କ ପକ୍ଷରେ ଉତମ ଏବଂ ନମାଜ ପାଠ ଶେଷ ହେବା ପରେ ଭୂପୃଷ୍ଠରେ ବ୍ୟାପି ଯାଅ ଓ ଅଲ୍ଲାଃଙ୍କର କୃପା ଅନ୍ୱେଷଣ କର ଓ ଅଲ୍ଲାଃଙ୍କୁ ବହୁତ ସ୍ମରଣ କର ଯଦ୍ୱାରା ତୁମେମାନେ କୃତକାର୍ଯ୍ୟ ହେବ । ଯେତେବେଳେ ଏଲୋକମାନେ ବ୍ୟବସାୟ ଓ ଖେଳ କୌତୁକ ବିଷୟ ଦେଖନ୍ତି ସେତେବେଳେ ସେମାନେ ତୁମଠାରୁ ଅଲଗା ହୋଇ ସେ ଆଡ଼କୁ ଚାଲିଯାଆନ୍ତି ଓ ତୁମ୍ଭଙ୍କୁ ଏକାକୀ ଛାଡ଼ି ଯାଆନ୍ତି ତୁମେ (ସେମାନଙ୍କୁ) କୁହ ଯାହାକିଛି ଅଲ୍ଲାଃଙ୍କ ନିକଟରେ ଅଛି ତାହା ଖେଳ କୌତୁକ ତଥା ବ୍ୟବସାୟ ଠାରୁ ମଧ୍ୟ ଉତ୍କୃଷ୍ଟ ଏବଂ ଅଲ୍ଲାଃ ଉତ୍କୃଷ୍ଟ ଜୀବିକା ପ୍ରଦାନକାରୀ ।

ହଜୁର ଅନଓ୍ୱର ଅ:ବ କହିଲେ- ଆଜି ରମଜାନର ଶେଷ ଜୁମା ଓ ଯେପରିକି ଲୋକମାନେ ବିଶେଷ କରି ଏହି ଜୁମାରେ ଅଧିକରୁ ଅଧିକ ସଂଖ୍ୟାରେ ଉପସ୍ଥିତ ହୋଇଥାନ୍ତି ଏବଂ ଉପସ୍ଥିତ ହେବାକୁ ଚେଷ୍ଟା କରିଥାନ୍ତି । ସଂଯୋଗ ବଶତଃ ଆଜିକାଲି ଅଧିକାଂଶ ସ୍କୁଲରେ ମଧ୍ୟ ଛୁଟି ଚାଲିଛି ସେଥିଯୋଗୁଁ ଉପସ୍ଥାନ ଭଲ ଜଣା ପଡୁଛି ଓ ଏହା ଦେଖାଯାଉଛି ମଧ୍ୟ ।

ସୁରଃ ଜୁମାର ଏହି ଶେଷ ରକୁର ପଙ୍‌କ୍ତି ଯାହାକି ମୁଁ ପାଠ କରିଆସିଲି ସେଥିରେ ଅଲ୍ଲାଃତାଲା ଜୁମାର ଗୁରୁତ୍ୱ ସମ୍ବନ୍ଧରେ ସ୍ୱଷ୍ଟ ରୂପେ ବର୍ଣ୍ଣନା କରିଦେଇଛନ୍ତି । ଅତଃ ଜୁମା ନମାଜ ପାଠ କରିବା ନିମନ୍ତେ ଉପସ୍ଥିତ ହେବା ଅଲ୍ଲାଃତାଲାଙ୍କ ନିକଟରେ ଅତ୍ୟନ୍ତ ଜରୁରୀ । ଅଲ୍ଲାଃତାଲା ସ୍ୱଷ୍ଟ ଭାବରେ ଦର୍ଶାଇ ଦେଲେ ଯେତେବେଳେ ତୁମମାନଙ୍କୁ ନମାଜ (ଜୁମା) ପାଠ କରିବା ସକାଶେ ଡ଼କା ଯାଏ ସେତେବେଳେ କୌଣସି ପ୍ରକାର ଅବହେଳା ଅବା ବାହାନା ପ୍ରଦର୍ଶନ ନକରି, ସମସ୍ତ କାର୍ଯ୍ୟବ୍ୟସ୍ତତାକୁ ପଛରେ ପକାଇ ଅଲ୍ଲାଃଙ୍କୁ ସ୍ମରଣ କରିବା ପାଇଁ ମସଜିଦ୍ ଆଡ଼କୁ ଶୀଘ୍ର ଶୀଘ୍ର ଗମନ କର । ଏପରିକି ତାହା ବ୍ୟବସାୟର ଅତି ବିଶେଷ ସମୟ ହୋଇଥାଉ ନାକାହିଁକି ଏବଂ ଲକ୍ଷାଧିକ ଅବା କୋଟି କୋଟି ଟଙ୍କାର କ୍ଷତି ସହ୍ୟ କରିବାକୁ ପଡୁ ନାକାହିଁକି ତଥାପି ତାହାର ଖାତିର ନକରି ଜୁମା ନମାଜ ପାଠ କରିବା ସକାଶେ ହାଜର ହୋଇଯାଅ କାରଣ ଜୁମା ନମାଜରେ ଉପସ୍ଥିତ ହେବା ଓ ଜାମେ ମସଜିଦ୍‌ରେ ଏକତ୍ର ହୋଇ ଜୁମା ପାଠ କରିବା ଓ ଇମାମଙ୍କର ଖୁତବା ଶୁଣିବା ତୁମର କାରବାର ଓ ବାଣିଜ୍ୟ ବ୍ୟବସାୟ ତଥା ସାଂସାରିକ କାମଧନ୍ଦା ଠାରୁ ସହସ୍ର ବରଂ ଲକ୍ଷାଧିକ ଗୁଣ ଶ୍ରେୟସ୍କର । କିନ୍ତୁ ଏହା ସେହି ବ୍ୟକ୍ତି ହୃଦୟଙ୍ଗମ କରିଥାଏ ଯେ ତାହାକୁ ସଠିକ୍ ରୂପେ ବୁଝିଥାଏ ଓ ତାହାର ଜ୍ଞାନ ରଖିଥାଏ ।

ଅଲ୍ଲାଃତାଲା କୁହନ୍ତି ଏହାର ସଠିକ୍ ଜ୍ଞାନ ରଖିଥିବା ବ୍ୟକ୍ତି ନିଃସନ୍ଦେହ ବ୍ୟବସାୟ ଓ କାରବାରକୁ ଦ୍ୱିତୀୟ ସ୍ଥାନରେ ରଖିଥାଏ । ଏଥିସହିତ ଅଲ୍ଲାଃତାଲା କହିଛନ୍ତି ଯେ ଜୁମା ନମାଜ ପାଠ କରିବା ଅନ୍ତେ ତୁମେ ସ୍ୱାଧୀନ, ଯାଅ ଓ ନିଜ ସାଂସାରିକ କାରବାର ଓ ବ୍ୟବସାୟରେ ଅବଶ୍ୟ ବ୍ୟସ୍ତ ହୋଇଯାଅ । ଅଲ୍ଲାଃତାଲା ତୁମର ସାଂସାରିକ କାର୍ଯ୍ୟରେ ମଧ୍ୟ ବରକତ (ଆଶିଷ) ପ୍ରଦାନ କରିବେ କିନ୍ତୁ ଏଠାରେ ପୁଣି ସ୍ୱଷ୍ଟ କରି କହିଦେଲେ ଯେ ନିଜ ଉପାସନାକୁ କେବଳ ଜୁମା ନମାଜ ପାଠ କରିବା ମଧ୍ୟରେ ସୀମିତ ରଖ ନାହିଁ ବରଂ ପ୍ରତି ମୁହୂର୍ତରେ ତୁମେମାନେ ଅଲ୍ଲାଃତାଲାଙ୍କୁ ସ୍ମରଣ କରିବା ଉଚିତ୍ । ଯଦି ତୁମେ ଅଲ୍ଲାଃତାଲାଙ୍କୁ ସ୍ମରଣ କରିବା ପ୍ରତି ଧ୍ୟାନ ଦିଅ ତେବେ ତୁମକୁ ପୂର୍ବ ଅପେକ୍ଷା ଯଥେଷ୍ଟ ଅଧିକ ସାଂସାରିକ ଓ ଆଧ୍ୟାତ୍ମିକ ସଫଳତା ପ୍ରାପ୍ତ ହେବ । ଅଲ୍ଲାଃତାଲାଙ୍କ ଗୁଣଗାନକାରୀ ଯେତେବେଳେ ଅଲ୍ଲାଃଙ୍କ ସ୍ମରଣ କରନ୍ତି ସେତେବେଳେ ସେମାନେ ଏକଥା ମନେରଖିଥାନ୍ତି କି ଜୁମା ନମାଜ ପରେ ଆମକୁ ନମାଜ ଅସର ମଧ୍ୟ ପାଠ କରିବାର ଅଛି କାରଣ ତାହା ଫର୍ଜ ନମାଜରେ ଅନ୍ତର୍ଭୁକ୍ତ । ସେହିପରି ମଗରିବ୍ ଓ ଇଶା ନମାଜ ପାଠ କରିବାର ଅଛି କାରଣ ତାହା ମଧ୍ୟ ଫର୍ଜ ନମାଜରେ ଅନ୍ତର୍ଭୁକ୍ତ । ସାଂସାରିକ କାରବାର ହେଉ ଅବା ଅନ୍ୟାନ୍ୟ ବୈଭବ, ସବୁକିଛି ଅଲ୍ଲାଃଙ୍କ କୃପାରୁ ହିଁ ପ୍ରାପ୍ତ ହୋଇଥାଏ । ଅତଃ ସଫଳତା ଅଲ୍ଲାଃଙ୍କ କୃପା ଓ ତାଙ୍କ ଉପାସନା ସହିତ ସଂଶ୍ଲିଷ୍ଟ । ଏହି ଜୁମା ନମାଜ ନିୟମିତ ପାଠ କରିବା ଏବଂ ଅଲ୍ଲାଃ ତାଲାଙ୍କୁ ସ୍ମରଣ କରିବା ଓ ତା ଉପାସନାର ହକ୍‌କୁ ପ୍ରଦାନ କରିବାକୁ ଚେଷ୍ଟା କରିବା କେବଳ ରମଜାନ୍ ମାସରେ ହିଁ ସୀମିତ ନ ରହୁ ବରଂ ସବୁ ଜୁମା ପାଇଁ ଏହା ଏକ ସାଧାରଣ ନିର୍ଦ୍ଦେଶ ଓ ବିଶେଷ ରୂପେ ନିର୍ଦ୍ଦେଶ ଦିଆଯାଇଛି । ହଜରତ ମସିହ ମଉଦ ଅ.ସ ଏକ ସ୍ଥାନରେ

ଏହାର ଗୁରୁତ୍ୱ ଦର୍ଶାଇ କହିଛନ୍ତି- ଜୁମାର ଦିନ ଇଦ୍‌ର ଦିନ ଅଟେ ଏବଂ ଏହି ଇଦ୍ ଅନ୍ୟ ଇଦ୍‌ଠାରୁ ଶ୍ରେଷ୍ଠ ଏବଂ ଏହା କିପରି ଶ୍ରେଷ୍ଠ ? କହୁଛନ୍ତି କି, ଏହି ଇଦ୍ ପାଇଁ ବିଶେଷ ରୂପେ ସୁରାଃ ଜୁମା ଅବତୀର୍ଣ୍ଣ ହୋଇଅଛି । ଅର୍ଥାତ୍ ସୁରା ଜୁମାରେ ଜୁମାକୁ ବିଶେଷ ରୂପେ ପାଳନ କରିବା ପାଇଁ ଧ୍ୟାନ ଆକର୍ଷଣ କରାଯାଇଛି । ପୁନଶ୍ଚ ଆପଣ ଜୁମାର ଗୁରୁତ୍ୱ ବର୍ଣ୍ଣନା କରି ହଜରତ ଉମର ର.ଅ ଓ ଜଣେ ୟହୁଦି (ଧର୍ମାବଲମ୍ବି)ଙ୍କର ଏକ କଥୋପକଥନକୁ ବର୍ଣ୍ଣନା କରିଛନ୍ତି କି ଯେତେବେଳେ ପଙ୍‌କ୍ତି **ଅଲ୍‌ୟୋମା ଅକମଲ୍‌ତୁ ଲକୁମ୍ ଦିନକୁମ୍** ଅର୍ଥାତ୍ ଆଜି ଆମେ ତୁମର ଦୀନ୍‌କୁ ସଂପୁର୍ଣ୍ଣ କରିଦେଇଛୁ, ଅବତୀର୍ଣ୍ଣ ହେଲା ସେତେବେଳେ ଜଣେ ୟହୁଦି (ହଜରତ ଉମର ର.ଅଙ୍କୁ) କହିଲେ ଆମ ଉପରେ ଏହି ଦୈବୀବାଣୀ ଅବତୀର୍ଣ୍ଣ ହୋଇଥିଲେ ଆମେ ଉକ୍ତ ଦିବସକୁ ଇଦ୍ ରୂପେ ପାଳନ କରିଥାନ୍ତୁ । ଏଥିରେ ହଜରତ ଉମର ର.ଅ ଉତର ଦେଲେ ଜୁମା ଇଦ୍‌ର ତ ହିଁ ଦିନ କାରଣ ଏହି ପଙ୍‌କ୍ତି ଜୁମା ଦିନ ଅବତୀର୍ଣ୍ଣ ହୋଇଥିଲା । ହଜରତ ମସିହ ମଉଦ ଅ.ସ କହିଛନ୍ତି ଯେ, କିନ୍ତୁ ଅନେକ ଲୋକ ଏହି ଇଦ୍ ବିଷୟରେ ଜାଣିନାହାନ୍ତି । *(ମଲ୍‌ଫୁଜାତ୍ ଖଣ୍ଡ-୮, ପୃ-୩୯୯)*

ଯଦି ଅନେକ ଲୋକ ଏହି ଇଦ୍‌ରୁ ଅଜ୍ଞ ରହିଛନ୍ତି ଯେଉଁଥିରେ ଧର୍ମ ସମ୍ପୂର୍ଣ୍ଣ ହେବାର ସୂଚନା ଦିଆଯାଇଛି ଏବଂ ଅଲ୍ଲାଃତାଲା ନିଜ ପୁରସ୍କାର ସମ୍ପୂର୍ଣ୍ଣ କରିବାର ସୁସମ୍ବାଦ ପ୍ରଦାନ କରିଛନ୍ତି । ଉକ୍ତ ଦିନକୁ ଏଭଳି ପ୍ରାଧାନ୍ୟ ଦେଇନାହାନ୍ତି ଏବଂ ମଣୁଛନ୍ତି କି ରମଜାନର ଶେଷ ଜୁମାରେ ଉପସ୍ଥିତ ହୋଇଗଲେ ଆମେ ସମସ୍ତ ଜୁମାର ପୁଣ୍ୟ ହାସଲ କରିନେବୁ । ଅତଃ ଅତ୍ୟନ୍ତ ଧ୍ୟାନପୂର୍ବକ ନିଜ ଜୁମାର ସୁରକ୍ଷା କରିବା ଉଚିତ୍ । ଯେପରି ରମଜାନର ଶେଷ ଜୁମାକୁ ଗୁରୁତ୍ୱ ଦିଆଯାଇଥାଏ ସେହିପରି ବର୍ଷ ସାରାର ଜୁମାକୁ ଗୁରୁତ୍ୱ ଦେବା ଆବଶ୍ୟକ । ଖୁଦାତାଲା କହୁଛନ୍ତି କି, ପ୍ରତ୍ୟେକ ମୁମିନ୍‌କୁ ଯଦି ସେ ପ୍ରକୃତ ମୁମିନ୍ ହୋଇଥାଏ ଏଥିପ୍ରତି ଧ୍ୟାନ ଦେବା ଉଚିତ କିନ୍ତୁ କ'ଣ ହୋଇଥାଏ ? କିନ୍ତୁ ଅନେକ ଲୋକ ଏଥିପ୍ରତି ଧ୍ୟାନ ଦେଇନଥାନ୍ତି ଏବଂ ସାଂସାରିକ କାରବାର ଓ ନିଜ ଆଗ୍ରହ ମୂଳକ କାର୍ଯ୍ୟରେ ସମୟ ନଷ୍ଟ କରିଥାନ୍ତି । ଅଲ୍ଲାଃତାଲା କହିଛନ୍ତି ଯେ, ଯାହା ଈଶ୍ୱରଙ୍କ ନିକଟରେ ଅଛି ତାହା ଉକ୍ତ ଦୁଇ ଜିନିଷ ଠାରୁ ତଥା ଧମସମ୍ପତି, ଆନନ୍ଦ ଉଲ୍ଲାସ ଠାରୁ ଶ୍ରେୟସ୍କର ଏବଂ ଅଲ୍ଲାଃତାଲା ହିଁ ମଣିଷକୁ ଜୀବିକା ପ୍ରଦାନ କରିଥାନ୍ତି । ଅତଏବ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ପ୍ରତ୍ୟେକ ମୋମିନ୍ ପାଇଁ ଏହା ମନଯୋଗ କରିବାର ସ୍ଥଳି, ବିଶେଷ କରି ଆମେ ଯେଉଁମାନେ ଯୁଗାବତାରଙ୍କୁ ସ୍ୱୀକାର କରିଛେ ଆମକୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । ହଜରତ ଖଲିଫତୁଲ୍ ମସିହିଲ୍ ଔୱ୍ୱଲ ର:ଅ କହୁଥିଲେ ଯେ, ଅସଲ ମୁମିନ୍ ହେଉଛନ୍ତି ତ ଅହେମଦି ଯେଉଁମାନେ ଏ ଯୁଗର ଇମାମ୍‌କୁ ମାନିଛନ୍ତି । *(ହକାଇକୁଲ୍ ଫୁର୍‌କାନ୍ ଖଣ୍ଡ-୪, ପୃ-୧୨୨ - ୧୨୩)*

ସୁତରାଂ ଏକଥା କୁ ମାନିବା ଦ୍ୱାରା ଗୋଟିଏ ଦାୟିତ୍ୱକୁ ନିର୍ବାହ କରିବାକୁ ପଡିଥାଏ ଯେ ନିଜ କାର୍ଯ୍ୟ ନମୁନା ମଧ୍ୟଞ୍ଚ ଅଲ୍ଲାଃ ତାଲାଙ୍କ ଶିକ୍ଷା ମୁତାବକ ହେଉ ଓ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡ଼ିକ ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରାଯାଉ । ସାଂସାରିକ କାମନାକୁ ଆମେ ଅଗ୍ରାଧିକାର ନ ଦେଉ ବରଂ ଅଲ୍ଲାଃ ତାଲାଙ୍କ ପ୍ରଶନ୍ନତା ଓ ସାନ୍ନିଧ ହାସଲ କରିବା ଆମର ଲକ୍ଷ୍ୟ ହେଉ । କିନ୍ତୁ ଆମମାନଙ୍କ ମଧ୍ୟରୁ ବହୁତ ଲୋକ ଏହାକୁ ଭୁଲି ଯାଉଛନ୍ତି ଯେ, ଆମେ ହଜରତ ମସିହ ମଉଦ ଆ:ସଙ୍କୁ ଯଦି ମାନିଛେ ତେବେ ତାହା କ'ଣ ପାଇଁ । ଆପଣ ଆ:ସ ଈଶ୍ୱରଙ୍କ ସହିତ ଆମର ସଂପର୍କକୁ ମଜଭୁତ୍ କରିବାପାଇଁ ଆସିଥିଲେ । ଆପଣ ଆ:ସ ତ ଏଥିପାଇଁ ଆସିଥିଲେ ଯେ, ସବୁଠାରୁ ଅଧିକା ଆଗ୍ରହ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାକୁ ହାସଲ କରିବା ଓ ତା'ର ପ୍ରେମକୁ ହାସଲ କରିବା । ଆମେ ଅଲ୍ଲାଃ ତାଲାଙ୍କ ନିକଟକୁ ସେ ସମୟରେ ଯିବା ଅର୍ଥାତ୍ ନାମଜ ସେତେବେଳେ ପଢ଼ିବା, ପ୍ରାର୍ଥନା କରିବା ପ୍ରତି ସେତେବେଳେ ଆମର ଧ୍ୟାନ ରହୁ ଯେତେବେଳେ ଆମର ସାଂସାରିକ ଇଚ୍ଛା ପୂରଣ ହେଉନଥିବା । ଆମେ ଅଲ୍ଲାଃ ତାଲାଙ୍କ ନିକଟରେ ଏହି ସବୁ କାମନାକୁ ପୂରଣ କରିବା ନିମନ୍ତେ ନତମସ୍ତକ ହେଉଥିବା କିନ୍ତୁ ଆମକୁ ଏ କଥା ଜଣା ନଥିବା ଯେ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା ଲାଭ କରିବା ଓ ତା'ର ସାନ୍ନିଧ ପାଇବାରେ କ'ଣ ଗୁରୁତ୍ୱ ଅଛି ଓ ଆମେ ନିଜର ମନସ୍କାମନା ଓ ସାଂସାରିକ ଆବଶ୍ୟକତାକୁ ହିଁ ଗୁରୁତ୍ୱ ଦେଉଥିବା । ହଜରତ ମସିହ ମଉଦ ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି ଯେ "ମୁଁ ସତ୍ୟ କହୁଅଛି କି, ଏହା ଗୋଟିଏ ଅବସର ଯାହାକୁ ଅଲ୍ଲାଃ ତାଲା ସୌଭାଗ୍ୟଶାଳୀ ଲୋକମାନଙ୍କ ନିମନ୍ତେ ସୃଷ୍ଟି କରିଛନ୍ତି । ସେହି ବ୍ୟକ୍ତିକୁ ଅଭିନନ୍ଦନ ଯିଏ ଏଥିରେ ଲାଭ ଉଠାଉଛନ୍ତି । ତୁମେ ମାନେ, ଯେଉଁମାନେ ମୋ ସହିତ ସଂପର୍କ ସ୍ଥାପନ କରିଛ, ଏକଥା ବି କଦାପି ଅହଂକାରି ହୋଇ ନଯାଅ ଯେ, ଯାହା କିଛି ତୁମେ ପାଇବାର ଥିଲା ତାହା ପାଇସାରିଛ ।ଏହା ହେଉଛି ସତ୍ୟ କଥା ଯେ, ତୁମେ ମାନେ ସେହି ଅମାନ୍ୟକାରୀଙ୍କ ତୁଳନାରେ ଅଧିକ ସୌଭାଗ୍ୟଶାଳୀ" ଅର୍ଥାତ୍ ସୌଭାଗ୍ୟଶାଳୀ ହେବାର ନିକଟତର ହୋଇଯାଇଛ "ଯେଉଁମାନେ ଭିଷଣ ଭାବେ ଅସ୍ୱୀକାର କରିଛନ୍ତି ଏବଂ ତିରସ୍କାର କରି ଈଶ୍ୱରଙ୍କୁ ନାରାଜ କରିଛନ୍ତି" ଯେଉଁ ଅମାନ୍ୟକାରୀମାନେ ଅଛନ୍ତି । ହଜୁର ଆ:ସ କହୁଛନ୍ତି ଯେ, "ଏବଂ ଏହା ମଧ୍ୟ ସତ୍ୟ ଅଟେ କି, ତୁମେ ମାନେ ଯୁକ୍ତାତ୍ମକ ଧାରଣା ନେଇ ନିଜକୁ ଖୁଦାଙ୍କ କ୍ରୋଧରୁ ବଂଚାଇବା ପାଇଁ ଚିନ୍ତା କରିଛ । କିନ୍ତୁ ହଜରତ ମସିହ ମଉଦ ଅ.ସ ଏକ ସ୍ଥାନରେ କହିଛନ୍ତି- ସତ୍ୟ ଏହି କି ଯେ ତୁମେ ସେହି ଉସ୍ ନିକଟରେ ଆସି ପହଂଚିଯାଇଛ ଯାହା ପ୍ରାଣ ରକ୍ଷାକାରୀ ସଂଞ୍ଜୀବନୀ ଅଟେ । ହଁ (ତାହାର) ଜଳ ପାନ କରିବା ବର୍ତମାନ ବାକି ଅଛି । ଯଦି ଅଲ୍ଲାଃତାଲାଙ୍କ କୃପା ଓ କରୁଣା ଦ୍ୱାରା ସାମର୍ଥ୍ୟ ଚାହୁଛ, ତେବେ ସେ ତୁମକୁ ତୃପ୍ତ କରିବେ । କାରଣ ଈଶ୍ୱରଙ୍କ ବ୍ୟତୀତ କୌଣସି କାର୍ଯ୍ୟ ସାଧିତ ହୋଇନଥାଏ । ମୁଁ ନିଃସନ୍ଦେହ ଜାଣେ କି ଯେ ଏହି ଉସ୍‌ରୁ ଜଳ ପାନ କରିବ ସେ ଧ୍ୱଂସ ହେବାରୁ ବର୍ତି ଯିବ । ଏହି ଉସ୍‌ରୁ ତୃପ୍ତ ହେବାର ଉପାୟ କ'ଣ ? ଏହି କି ଯେ, ଈଶ୍ୱର ଯେଉଁ ଦୁଇଟି କର୍ତବ୍ୟ ତୁମ ଉପରେ ନ୍ୟସ୍ତ କରିଛନ୍ତି ତାହାର ପୂର୍ଣ୍ଣ ରୂପେ ସମ୍ପାଦନ କର । ସେଥିରେ ଗୋଟିଏ ଅଲ୍ଲାଃଙ୍କର କର୍ତବ୍ୟ ଏବଂ ଅନ୍ୟଟି ସୃଷ୍ଟି ପ୍ରତି ଥିବା ତୁମର କର୍ତବ୍ୟ ।" *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୧୮୪ ରୁ ୧୮୫)*

ସୁତରାଂ ହଜରତ ମସିହ ମଉଦ ଆ:ସ ଏଠାରେ ସ୍ପଷ୍ଟ କରିଦେଇଛନ୍ତି ଯେ, ନିଜର କାର୍ଯ୍ୟ ନମୁନାକୁ ଖୁଦାତାଲାଙ୍କ ଶିକ୍ଷା ମୁତାବକ କରନ୍ତୁ ଏବଂ ମୋତେ ମାନିବା ପରେ ନିଜର ଉପାସନାର ସ୍ତରକୁ ମଧ୍ୟ ଉଚ୍ଚ କରନ୍ତୁ ଏବଂ ହୁକୁକୁଲ୍ ଇବାଦ୍ (ଅର୍ଥାତ୍ ପ୍ରାଣୀ ଜଗତ ପ୍ରତି ଥିବା କର୍ତବ୍ୟ)ର ସ୍ତରକୁ ମଧ୍ୟ ଉଚ୍ଚା କରନ୍ତୁ ଯଦି ଏତିକି ହୋଇନପାରୁଛି ତେବେ ପୁଣି ଅଲ୍ଲାଃ ତାଲାଙ୍କ କୃପାକୁ ଏହିପରି ଲାଭ କରିପାରିବ ନାହିଁ ଯେପରି ତାହାର ହକ୍ ଅଛି । ଝରଣାରୁ ପାଣି ପିଇବାପାଇଁ ହେଲେ ନିଜର ବ୍ୟବହାରକୁ ବଦଳାଇବାକୁ ପଡ଼ିବ ହଜରତ ଖଲିଫତୁଲ୍ ମସିହିଲ୍ ଅୱ୍ୱଲ ର:ଅ ଗୋଟିଏ ଅବସରରେ କହିଛନ୍ତି ଯେ, ହଜରତ ସାହେବ ଅର୍ଥାତ୍ ହଜରତ ମସିହ ମଉଦ ଆ:ସ ଯେଉଁ କଥା କହିଛନ୍ତି କି, ସେହି ଝରଣାରୁ ପାଣି ପିଇବା ଏ ପର୍ଯ୍ୟନ୍ତ ବାକି ଅଛି । ଆପଣ ର:ଅ କହୁଛନ୍ତି କି, ମୁଁ ଏକଥା ଭାବୁଛି ଯେ, ଉକ୍ତ କଥାର ସମ୍ବୋଧନ ମୁଁ ତ ନୁହେଁ । *(ହକାଇକୁଲ୍ ଫୁର୍‌କାନ୍ ଖଣ୍ଡ-୪, ପୃ-୧୨୬)*

ହଜରତ ଖଲିଫତୁଲ୍ ମସିହିଲ୍ ଅୱ୍ୱଲ ର:ଅଙ୍କର ଯେଉଁ ସ୍ଥାନ (ଏବଂ ପଦମର୍ଯ୍ୟାଦା)ରହିଛି ତାହା ଆମ ମାନଙ୍କ ଉପରେ ସ୍ପଷ୍ଟ କାରଣ ହଜରତ ମସିହ ମଉଦ ଆ:ସ ଆପଣ ର:ଅଙ୍କୁ ବହୁତ ସମ୍ମାନ ଦେଉଥିଲେ । ଯଦି ଆପଣ ର:ଅ ଏପରି ଚିନ୍ତା ଧାରା ରଖିଛନ୍ତି ତେବେ ଆମକୁ କେତେ ମାତ୍ରାରେ ଓ କେଡ଼େ ଭିଷଣ ଆଗ୍ରହର ସହିତ ଏଥିପ୍ରତି ଚିନ୍ତା କରିବା ଉଚିତ ହେବ ଯେ, କିପରି ଆମେ ଉକ୍ତ ଝରଣାରୁ ପାଣି ପିଇବାକୁ ଚେଷ୍ଟା କରିବା ଓ ଆମେ କିପରି ବୟତର ହକ୍‌କୁ ପ୍ରଦାନ କରିପାରିବା ।

ହଜୁର ଅନୱ୍ୱର ଅ.ବ କହିଲେ 'ଅତଃ ଅଲ୍ଲାଃତାଲାଙ୍କ କର୍ତବ୍ୟ ସମ୍ପାଦନ କରିବା ନିମନ୍ତେ ତାଙ୍କ ପ୍ରୀତିଭାଜନ ଲାଭ କରିବା ଜରୁରୀ ଅଟେ । ଏହି କଥା ମଧ୍ୟ ଧ୍ୟାନ ରହିବା ଜରୁରୀ ଯେ, ଆମେ ଅଲ୍ଲାଃତାଲାଙ୍କ ଉପାସନାର କର୍ତବ୍ୟ ସମ୍ପାଦନ କରିବା । ଅଲ୍ଲାଃତାଲା କହିଛନ୍ତି ୱ୍ୱମା ଖଲକ୍‌ତୁଲ୍ ଜିନ୍ନା ୱ୍ୱଲ୍ ଇନ୍‌ସା ଇଲ୍ଲା ଲିୟାବୁଦୁନ୍ ଅର୍ଥାତ ଆମ୍ଭେ ଜିନ୍ ଓ ମାନବକୁ କେବଳ ନିଜ ଉପାସନା ନିମନ୍ତେ ସୃଷ୍ଟି କରିଅଛୁ । ସୁତରାଂ ଅଲ୍ଲାଃ ତାଲା ଏଠାରେ ଆମର ଉଦ୍ଦେଶ୍ୟକୁ ସ୍ପଷ୍ଟ କରିଦେଇଛନ୍ତି । ଏ କଥା କହିନାହାନ୍ତି ଯେ ରମଜାନ ମାସର ଶେଷ ଯୁମାକୁ ପଢ଼ି ତୁମେ ମାନେ ମୋ ନିର୍ଦ୍ଦେଶରେ ପରିଚାଳିତ ହୋଇଛ ଏବଂ ମୋର ଉପାସନାର ହକ୍‌କୁ ପ୍ରଦାନ କରିଦେଇଛ ବରଂ ଏକଥା କହିଛନ୍ତି ଯେ, ଏହା ଏକ ସ୍ଥାୟୀ କାର୍ଯ୍ୟ ଯାହାକି ତୁମେ ନିଜ ଚେତନାରେ ଆସିବା ପୂର୍ବରୁ ଆରମ୍ଭ କରି ଏହି ସଂସାରରୁ ବିଦାୟ ନେବା ପର୍ଯ୍ୟନ୍ତ ସମ୍ପାଦନ କରିବାକୁ ହେବ । ଅତଏବ ବର୍ଷକରେ ଗୋଟିଏ ଜୁମା ପାଠ କରିବାକୁ ଯଥେଷ୍ଟ ମଣ ନାହଁ ବରଂ ତୁମ ପାଇଁ ପ୍ରତ୍ୟେକ ଜୁମା ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ପୁଣି ଯୁମା ପାଠ କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇ ଅଲ୍ଲାଃ ତାଲା ଏହା କହିନାହାନ୍ତି ଯେ, ତୁମେ ଯୁମା ପାଠ କରି ମୋର ହକ୍‌କୁ ପ୍ରଦାନ କରିଦେଇଛ ଏବଂ ବା ନମାଜ ପଢ଼ି ମୋର ହକ୍‌କୁ ପ୍ରଦାନ କରିଦେଇଛ ଏବଂ ଅଲ୍ଲାଃ ତାଲାଙ୍କୁ ଏଥିରେ କୌଣସି ଲାଭ ମିଳିବ ବା ଅଲ୍ଲାଃ ତାଲାଙ୍କୁ ଆମ ନମାଜ, ଆମ ଯୁମା ଏବଂ ଆମ ଜିକ୍‌ରେ ଇଲାହି (ଅଲ୍ଲାଃ ତାଲାଙ୍କୁ ସ୍ମରଣ କରିବା)ର କୌଣସି ଆବଶ୍ୟକ ଥିଲା ବରଂ ଅଲ୍ଲାଃ ତାଲା କହୁଛନ୍ତି ଯେ, ଯେବେ ତୁମେ ଯୁମା ପାଇଁ ଆସୁଅଛ, ନମାଜ ପଢୁଅଛ, ଖୁତ୍‌ବା ଶୁଣୁଅଛ ଏବଂ ଏହି ଅବଧି ମଧ୍ୟରେ ଜିକ୍‌ରେ ଇଲାହି କରୁଅଛ ତେବେ ଏହି ସମୟ ମଧ୍ୟରେ ଏପରି ଏକ ମୁହୁର୍ତ ଆସିଥାଏ ଯେଉଁଥିରେ ଭକ୍ତ ଅଲ୍ଲାଃ ତାଲାଙ୍କ ଠାରୁ ଯେଉଁ ଦୁଆ ମାଗିଥାଏ ଅଲ୍ଲାଃ ତାଲା ତାହାକୁ ଗ୍ରହଣ କରିଥାନ୍ତି । ଅର୍ଥାତ୍ ଅଲ୍ଲାଃ ତାଲାଙ୍କ ଠାରୁ ହରାମ୍ (ଅବୈଧ) ବସ୍ତୁ ବ୍ୟତିତ ଯାହା କିଛି ମଧ୍ୟ ମନୁଷ୍ୟ ମାଗିଥାଏ, ଅଲ୍ଲାଃ ତାଲା ଯଦି ଉକ୍ତ ବ୍ୟକ୍ତିକୁ ସେହି ମୁହୁର୍ତ ପ୍ରଦାନ କରିଥାଏ ତେବେ ସେହି ଦୁଆକୁ ଗ୍ରହଣ କରିଥାଏ *(ସହି ମୁସଲିମ୍, କିତାବୁଲ ଜୁମା...... ହଦୀସ୍ ନଂ ୮୫୨)*

ଏବେ ଏହି ମୁହୁର୍ତ ଏହି କ୍ଷଣ ଓ ଏହି ସମୟ କୌଣସି ବିଶେଷ ଜୁମାପାଇଁ ଧାର୍ଯ୍ୟ କରାଯାଇନାହିଁ ବରଂ ପ୍ରତ୍ୟେକ ଜୁମା ପାଇଁ ରହିଛି । ଏକ ଅବସରରେ ହଜରତ ମହମ୍ମଦ ସ.ଅ ଜୁମାର ବିଶେଷତା ସମ୍ବନ୍ଧରେ ଆଲୋକପାତ କରି କହିଲେ କେବଳ ଅସୁସ୍ଥ, ଯାତ୍ରୀ, ମହିଳା ଓ କ୍ରିତଦାସଙ୍କୁ ବାଦଦେଲେ ପ୍ରତ୍ୟେକ ବ୍ୟକ୍ତି ଯେ ଅଲ୍ଲାଃ ଓ ପ୍ରଳୟକାରୀ ଦିବସ ଉପରେ ବିଶ୍ୱାସ ପୋଷଣ କରିଥାଏ ତାହା ପାଇଁ ଜୁମା ନମାଜ ପାଠ କରିବା ଅନିବାର୍ଯ୍ୟ । କାରଣ ଏମାନେ ସମସ୍ତେ ହେଉଛନ୍ତି ବିବଶ, ସେମାନଙ୍କର କିଛି ମଜବୁରି ରହିଛି । ଆହୁରି କହିଲେ ଯେ କେହି

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)

**ତାଲିବେ ଦୁଆ:** *Siddique Ahmed & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ଖେଳ କୌତୁହଳ ଓ ବ୍ୟବସାୟ ଯୋଗୁଁ ଜୁମା ନମାଜ ପାଠ କରିବାରେ ଅବହେଳା କରେ ତେବେ ଅଲ୍ଲାଃତାଲା ମଧ୍ୟ ତାହା ସହ ସମାନ ଆଚରଣ (ପ୍ରଦର୍ଶନ) କରିଥାନ୍ତି । ନିଃସନ୍ଦେହ ଅଲ୍ଲାଃତାଲା ନିସ୍ପୃହ ଓ ଗୁଣଗ୍ରାହୀ । *(କନଜୁଲ୍ ଅମାଲ୍, ଖଣ୍ଡ-୭, ପୃ-୭୨୬, କିତାବୁସ୍ ସଲାତ୍, ହଦୀସ୍ ନଂ ୨୧୧୨୦ ମୁଦ୍ରଣ ମୁସେସତରୁର୍ ରିସାଲାଃ ୧୯୮୫)*

ଅଲ୍ଲାଃ ତାଲାଙ୍କୁ ତୁମର କୌଣସି ବସ୍ତୁର ଆବଶ୍ୟକତା ନାହିଁ ବରଂ ସେ ତ' ଅନୁଗ୍ରହ କରିଥାଏ ଓ ଅଲ୍ଲାଃ ତାଲାଙ୍କ ଅନୁଗ୍ରହ ହିଁ ଜଣେ ମୁମିନ୍‌ଙ୍କଠାରୁ ଏ ଆଶା କରିଥାଏ ଯେ ସେ ତା'ର ଗୁଣ ଗାନ କରିବ । ପୁଣି ଆପଣ ଏହା ମଧ୍ୟ ଦର୍ଶାଇଛନ୍ତି କି ଜୁମା ଦିନ ପୁଣ୍ୟକର୍ମର ପ୍ରତିଫଳ ବହୁଗୁଣ ବଢିଯାଇଥାଏ । *(କନଜୁଲ୍ ଅମାଲ୍, ଖଣ୍ଡ-୭, ପୃ-୭୧୨, କିତାବୁସ୍ ସଲାତ୍, ହଦୀସ୍ ନଂ ୨୧୦୫୭ ମୁଦ୍ରଣ ମୁସେସତରୁର୍ ରିସାଲାଃ ୧୯୮୫)*

ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶାଠାରୁ ବଳୀ ଏବଂ ତା ନିର୍ଦ୍ଦେଶ ଉପରେ ପରିଚାଳିତ ହେବା ଠାରୁ ଅଧିକା ଆଉ କେଉଁ ପୂଣ୍ୟ ହୋଇପାରେ ? ସୁତରାଂ ଯେତେବେଳେ ଜଣେ ମୁମିନ୍ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାକୁ ହାସଲ କରିବାପାଇଁ ତା ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହୋଇଥାଏ, ସେଥିମଧ୍ୟରୁ ଗୋଟିଏ ନିର୍ଦ୍ଦେଶ ହେଉଛି ଜୁମା ନମାଜ୍ ପାଠ କରିବାପାଇଁ ଆସିବା, ନମାଜ୍ ଓ ଉପାସନା କରିବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଯାଇଛି ତେବେ ଏହା ବହୁତ ବଡ଼ ପୂଣ୍ୟ ଅଟେ । ପୁଣି କିଭଳି ପୁଣ୍ୟ ଅଲ୍ଲାଃ ତାଲା ଏହା ଦ୍ୱାରା ମୁମିନ୍‌ଙ୍କୁ ଦେଇଅଛି, ଯେଉଁ ମୁମିନ୍‌ଙ୍କୁ ପୂଣ୍ୟ, ଉପାସନା, ଜୁମାରେ ସାମିଲ୍ ହେବା ପାଇଁ କେବଳ ଏଥିଯୋଗୁଁ ତତ୍‌ପର ହେଉଛି ଯେ, ମୁଁ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାକୁ ହାସଲ କରିବି ଏହା ଦ୍ୱାରା କୌଣସି ସାଂସାରିକ ମନସ୍କାମନା ଇଛା କରିବି ନାହିଁ । ତେଣୁ ଅଯଥାରେ ଜୁମା ନମାଜ ପାଠ ନକରିବା ସମ୍ବନ୍ଧରେ ହଜରତ ମହମ୍ମଦ ସ.ଅଙ୍କର ଏକ ଚେତାବନି ସୂଚକ ନିର୍ଦ୍ଦେଶ ରହିଛି କି ଯେ କେହି ଅକାରଣେ ଜୁମା ନମାଜ ପାଠ ନକରେ ତେବେ ତାହାର କାର୍ଯ୍ୟ ନମୁନାର ଖାତାରେ ତାହାକୁ ମୁନାଫିକ୍ ଅର୍ଥାତ୍ କପଟବିଶ୍ୱାସୀ ଲେଖାଯିବ । *(କନଜୁଲ୍ ଅମାଲ୍, ଖଣ୍ଡ-୭, ପୃ-୭୩୦, କିତାବୁସ୍ ସଲାତ୍, ହଦୀସ୍ ନଂ ୨୧୧୪୪ ମୁଦ୍ରଣ ମୁସେସତରୁର୍ ରିସାଲାଃ ୧୯୮୫)*

ପୁନଶ୍ଚ କହିଲେ ଯିଏ ଅଳସୁଆମି ପ୍ରଦର୍ଶନ କରି ତିନୋଟି ଜୁମା କ୍ରମାଗତ ଭାବରେ ପାଠ କରେ ନାହିଁ ତେବେ ଅଲ୍ଲାଃତାଲା ତାହା ହୃଦୟରେ ମୋହର ଲଗାଇ ଦେଇଥାନ୍ତି । *(ସୁନନେ ଅବୁଦାଉଦ୍, କିତାବୁସ୍ ସଲାତ୍.... ହଦୀସ ୧୦୫୨)*

ଅତଃ ଏହା ଅତ୍ୟନ୍ତ ଭୟ କରିବାର ସ୍ଥାନ କାରଣ ଯେତେବେଳେ ମୋହର ଲାଗିଯାଏ ତେବେ ସତ୍‌କର୍ମ ସମ୍ପାଦନ କରିବାର ଶକ୍ତି ମଧ୍ୟ ହ୍ରାସ ହେବା ଆରମ୍ଭ ହୋଇଯାଇଥାଏ । ଏବଂ ପୁଣି ଉତ୍ସାହ ହିନ ହୋଇ ନାମଜକୁ ଆସିବା ବା ଜୁମା ପଢ଼ିବା ପାଇଁ ଆସିବା ଦ୍ୱାରା ମନ ଭିତରେ କପଟ ସୃଷ୍ଟି ହୋଇଥାଏ ତେଣୁ ଏଠାରେ ବହୁତ ଭୟ କରିବାର ସ୍ଥାନ ଏବଂ ବହୁତ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ଆଉ ଏକ ଅବସରରେ ଆପଣ କୁହନ୍ତି ଜୁମା ପାଠ କରିବାକୁ ଆସୁଥାଅ... କାରଣ ଜଣେ ଜୁମା ପାଠ କରିବାରୁ ନିବୃତ ରହିବା ଦ୍ୱାରା ଧିରେ ଧିରେ ବୈକୁଣ୍ଠରୁ ଦୂରେଇ ଯାଇଥାଏ ଯେବେ କି ସେ ବୈକୁଣ୍ଠର ଅଧିକାରୀ ହୋଇଥାଏ । *(ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୬, ପୃ-୭୫୨.... ହଦୀସ୍ ୨୦୩୭୩, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ୧୯୯୮)*

ବହୁତ ଗୁଡ଼ିଏ ପୂଣ୍ୟ କାର୍ଯ୍ୟ କରିଥାଏ ଯାହା ତାକୁ ବୈକୁଣ୍ଠରେ ପହଂଚାଇ ଦେଇପାରେ କିନ୍ତୁ ପଛକୁ ପଛ ରହି ବୈକୁଣ୍ଠରୁ ପଛକୁ ଚାଲିଯାଇଥାଏ । ସୁତରାଂ ହଜୁର ଅନଓ୍ୱର ଅ.ବ କହିଲେ 'ଅତଃ ଅଗଣିତ ଅବସରରେ ହଜରତ ମହମ୍ମଦ ସ.ଅ ଜୁମା ନମାଜରେ ସାମିଲ ହେବାକୁ ଧ୍ୟାନ ଆକର୍ଷିତ କରିଛନ୍ତି ବରଂ ଅକାରଣେ ସାମିଲ ହେଉନଥିବା ଲୋକମାନଙ୍କୁ ଚେତାବନୀ ଦେଇଛନ୍ତି । କୌଣସି ଗୋଟିଏ ହେଲେ ସ୍ଥାନରେ ମଧ୍ୟ ଆପଣ କହିନାହାନ୍ତି କି ରମଜାନର ଶେଷ ଜୁମା ପାଠ କରିନେଲେ ତୁମେ କ୍ଷମା ପ୍ରାପ୍ତି କରିନେବ । ହଁ ଏହା ଆମେ ନିଶ୍ଚିତ ରୂପେ ଦେଖିଥାଉ ଯେ, ଯେପରି ଆମେ ଏବେ ଏବେ ଆପଣ ସ:ଆ:ସଙ୍କର ଗୋଟିଏ ନିର୍ଦ୍ଦେଶକୁ ଦେଖି ସାରିଛେ ଯେ, ଆପଣ ସ:ଆ:ସ ଏହା କହିଛନ୍ତି କି, ବାଣିଜ୍ୟ ବେପାର ଏବଂ ଖେଳକୁଦରେ ମାତିରହିବା ଯୋଗୁଁ ଯେଉଁ ଲୋକମାନେ ଜୁମା ନମାଜକୁ ଛାଡୁଛନ୍ତି ଅଥବା ଜୁମା ନମାଜ ପଢ଼ିବାରେ ଅବହେଳା କରୁଛନ୍ତି, ସେମାନଙ୍କ ସହିତ ମଧ୍ୟ ଅଲ୍ଲାଃ ତାଲା ଅବହେଳା କରି ବ୍ୟବହାର କରିଥାଏ ଏବଂ କେବଳ ଜୁମା ନୁହେଁ ବରଂ ଆଁ ହଜରତ ସ:ଆ:ସ ଜଣେ ମୁମିନ୍‌ର ଲକ୍ଷଣ ଏହା ବତାଇଛନ୍ତି କି ସେ ଉପାସନାର ହକ୍ ମଧ୍ୟ ପ୍ରଦାନ କରୁଥିବ । ହଜରତ ମହମ୍ମଦ ସ.ଅ ଜଣେ ମୋମିନ୍‌କୁ ଚିହ୍ନଟ କରିବାର ଚର୍ଚ୍ଚା କରି କହିଲେ କି ସେ ଗୋଟିଏ ନମାଜରୁ ଆଉ ଏକ ନମାଜର ପ୍ରତିକ୍ଷା ଓ ଭାବନାରେ ରହିଥାଏ ଏବଂ ଗୋଟିଏ ଜୁମାରୁ ପର ଜୁମାର ପ୍ରତିକ୍ଷା ଓ ଭାବନାରେ ରହିଥାଏ ତଥା ଗୋଟିଏ ରମଜାନରୁ ଆଉ ଏକ ରମଜାନର ପ୍ରତିକ୍ଷା ଓ ଭାବନାରେ ରହିଥାଏ ନା କି ସାଂସାରିକ କାମନା ଓ କାର୍ଯ୍ୟ ସମ୍ପାଦନରେ ନିଜ ଜୁମା ଓ ନମାଜ ନଷ୍ଟ କରିଥାଏ । ସୁତରାଂ ଆମମାନଙ୍କୁ ନିଜ ଉପାସନା ପ୍ରତି ସକ୍ରିୟ ଓ ଯତ୍ନବାନ ହେବା ଆବଶ୍ୟକ । ନିଜ ପ୍ରଥମକୃତ କାର୍ଯ୍ୟକୁ ସଠିକ୍ ରୂପେ ସମ୍ପାଦନ କରିବା ଆବଶ୍ୟକ । ଅଲ୍ଲାଃତାଲାଙ୍କୁ ହାସଲ କରିବାକୁ ଏକ ବିଧିବଦ୍ଧ ପ୍ରୟାସର ଆବଶ୍ୟକତା ରହିଛି । ଏବଂ ଅଲ୍ଲାଃ ତାଲାଙ୍କୁ ପ୍ରାପ୍ତ କରିବା ପାଇଁ ଏ ସ୍ଥାନକୁ ବୁଝିବା ଅତ୍ୟନ୍ତ ଜରୁରୀ ଅଟେ କେବଳ ମୁହଁ ଦ୍ୱାରା କହିଦେଲେ ହିଁ ଏହା ହାସଲ ହୁଏ ନାହିଁ ।

କିନ୍ତୁ ଯଦି ଆମେ ଚିନ୍ତା କରୁ ତେବେ ଆମେ ଦେଖିବାକୁ ପାଇଥାଉ କି ଅଲ୍ଲାଃତାଲାଙ୍କର ଅସଲ ସ୍ଥାନ ଓ ତାଙ୍କ ପ୍ରଭୁତ୍ୱର ମୂଲ୍ୟକୁ ଆମର କାର୍ଯ୍ୟ ନମୁନା ସଠିକ୍ ରୂପେ ଚିହ୍ନିପାରି ନାହିଁ । ଆମ ପ୍ରାର୍ଥନା ଏକ ସ୍ଥାୟୀତ୍ୱ ରହିବା ଆବଶ୍ୟକ । ଆମର କାର୍ଯ୍ୟ ନମୁନାର ଅବସ୍ଥା ଏପରି ନାହିଁ ଯେ ଆମେ କହିପାରିବା କି, ଆମେ ଠିକ୍ ଜାଣିଛେ ବରଂ ଆମର ପ୍ରାର୍ଥନା ଗୁଡ଼ିକ ମଧ୍ୟ ଆମର ନିଜର ଉଦ୍ଦେଶ୍ୟ ସାଧନ ନିମନ୍ତେ କରିଥାଉ । ଯଦି ଖୁଦାତାଲାଙ୍କୁ ପାଇବା ପାଇଁ କରାଯାଏ ତେବେ ସେଥିରେ ଏକ ସ୍ଥାୟିତ୍ୱ ରହିବା ଉଚିତ ଆମ ହୃଦୟ କେବଳ ଜୁମା ପାଇଁ ନୁହେଁ ବରଂ ପାଂଚ ବେଳା ନମାଜ ପାଠ ନିମନ୍ତେ ମଧ୍ୟ ମସଜିଦ୍‌ରେ ଲାଗିରହିଥାଉ କିନ୍ତୁ ଯେପରିକି ମୁଁ କହିଲି ଆମେମାନେ ବାସ୍ତବରେ ତାଙ୍କ ହସ୍ତିକୁ ଚିହ୍ନିବା ସମ୍ବନ୍ଧରେ ଅଜ୍ଞାତ ସାରରେ ପଡ଼ିରହିଛେ । ଆମେ ନିଜର ଅସ୍ଥାୟୀ ଓ ଶିଘ୍ର ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦେଇଥାଉ । ଏବଂ ଅନବରତ, ବଡ଼ ଓ ସଦାସର୍ବଦା ରହୁଥିବା ଆବଶ୍ୟକତାକୁ ପଛରେ ପକାଇଦେଇଥାଉ । ନମାଜ୍ ଏବଂ ଜୁମାକୁ ଆମେ ପରିତ୍ୟାଗ କରିଦେଇଥାଉ ଓ ନିଜର ଅସ୍ଥାୟୀ ଭୌତିକ ଲାଭ ନିମନ୍ତେ ଏ କଥା କହିଦେଇଥାଉ ଯେ, ଅଲ୍ଲାଃ ତାଲାଙ୍କ ଠାରୁ ତ ପରେ କ୍ଷମା ମାଗିନେବୁ ସେତେବେଳେ ଅଲ୍ଲାଃ ତାଲା କ୍ଷମା ଦେଇଦେବେ । କ'ଣ ଫରକ୍ ପଡୁଛି ବର୍ତମାନ ଏହି ସାଂସାରିକ କାର୍ଯ୍ୟକୁ ତ କରିନେବା । ଯେଉଁ ଗ୍ରାହକଟି ଅଛି ସେ ଚାଲି ନ ଯାଉ । ଜଣେ ବ୍ୟବସାୟୀ ବ୍ୟକ୍ତି ଏ କଥା କହିଥାଏ । ପୁଣି ଜଣା ନାହିଁ ଏପରି ଗ୍ରାହକ ମିଳିବ ବା ନ ମିଳିବ । ଯଦି ନିଜ କାମ ପାଇଁ କେଉଁ ଅଫିସରଙ୍କ ନିକଟକୁ ଯାଇଛନ୍ତି ଯଦି ସେହି ଅଫିସରଙ୍କୁ ସେତେବେଳେ ଖୁସୀ ନ କଲ ଯେବେ କି ତାର ମୁଡ଼ ଠିକ୍ ଅଛି ଏବଂ ସେତେବେଳେ ତାକୁ ଏ କଥା କହି ଦେଉଛ ଯେ, ଓହଃ ! ମୋର ତ ନମାଜ୍‌ର ସମୟ ହୋଇଗଲାଣି ଜୁମା ପଢ଼ିବାର ସମୟ ହୋଇଗଲାଣି ତେଣୁ ମୁଁ ନାମଜ୍ ପଢ଼ିବାକୁ ଯାଉଛି ବା ଜୁମା ପଢ଼ିବାକୁ ଯାଉଛି ତେବେ ଏହାଦ୍ୱାରା କାଳେ ଉକ୍ତ ଅଫିସର ନାରାଜ ନ ହୋଇଯାଉ ଓ ମୁଁ ତା ଦ୍ୱାରା ଲାଭ ଉଠାଇବାରୁ ବଂଚିତ ନ ହୋଇଯାଏ । ଯଦି ଏପରି ଭାବନା ଆସୁଥାଏ ତେବେ ଆଗ୍ରହ ବିଲ୍‌କୁଲ୍ ଭିନ୍ନ । ସଂସାରକୁ ଅଗ୍ରାଧିକାର ଦେବା ଦ୍ୱାରା ଅଲ୍ଲାଃ ତାଲାଙ୍କ ପ୍ରସନ୍ନତାକୁ ହାସଲ କରିବାର ଉତ୍ସାହ ଉପରେ ଅଗ୍ରାଧିକାର ହାସଲ କରିଥାଏ ଓ ଏହିପରି ଅନେକ ମନସ୍କାମନା ରହିଛି ଯାହା ଅଲ୍ଲାଃ ତାଲାଙ୍କ ମୁକାବିଲାରେ ପଛକୁ ରହିବା ପରିବର୍ତେ ପ୍ରଥମ ସ୍ଥାନ ଗ୍ରହଣ କରିନେଇଥାଏ ଫଳତଃ ଅଲ୍ଲାଃ ତାଲା ପଛକୁ ଚାଲିଯାଏ ଓ ସାଂସାରିକ ମନସ୍କାମନା ଉପରକୁ ଆସିଯାଇଥାଏ । ଯେତେବେଳେ ଆମେ ଅଲ୍ଲାଃଙ୍କୁ ଭୁଲି ତାଙ୍କ ଆଦେଶକୁ ସାଂସାରିକ କାମନା ପୂରଣ ତୁଳନାରେ ପଛରେ କରିଦେଇଥାଉ ସେତେବେଳେ ଯେମିତିକି ହଜୁର ସ.ଅ କହିଛନ୍ତି ଅଲ୍ଲାଃତାଲା ମଧ୍ୟ ଏଭଳି ଅଭୁଲା ଓ ବେପରୁଆ ଲୋକମାନଙ୍କ ସହ ସମାନ ଆଚରଣ ପ୍ରଦର୍ଶନ କରିଥାନ୍ତି ଏବଂ ସେହି ବ୍ୟକ୍ତି ବୈକୁଣ୍ଠର ଅଧିକାରୀ ହେବା ସତ୍ୱେ ଉକ୍ତ ବେପରୁଆ ମନବୃତି ଯୋଗୁଁ ସେଥିରୁ ବଂଚିତ ରହିଯାଏ । ଅତଃ ଜଣେ ମୋମିନ୍‌ର କର୍ତବ୍ୟ କି ଏକଥା ସର୍ବଦା ନିଜ ସମ୍ମୁଖରେ ରଖନ୍ତୁ କି ମୋର କାରବାର ଓ ବ୍ୟବସାୟ ଅଲ୍ଲାଃଙ୍କ କୃପା ବଳରେ ହିଁ ବାବରକତ ହୋଇପାରିବ । ଯଦି ଅଲ୍ଲାଃଙ୍କ କୃପା ବର୍ଷଣ ହେଲେ ଯାଇ ତାଙ୍କ ଆଶିଷ ପ୍ରାପ୍ତି ହୁଏ ତେବେ ମୁଁ ସର୍ବପ୍ରଥମେ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରିବା ପାଇଁ କିଆଁ ପ୍ରୟାସ ନକରିବି । ଏହି ନିୟମକୁ ପ୍ରତ୍ୟେକ ବ୍ୟକ୍ତି ବୁଝିବା ଆବଶ୍ୟକ । ଯଦି ଆମେ ବୁଝିନେଉ ତେବେ ଆମ ମସଜିଦ୍ ରମଜାନ ବ୍ୟତୀତ ପାଂଚ ବେଳା ସାମୁହିକ ନମାଜ ପାଠ ସମୟରେ ଏବଂ ନମାଜ ଜୁମାରେ ମଧ୍ୟ ପରିପୂର୍ଣ୍ଣ ରହିବ ବରଂ ମସଜିଦ୍ ଛୋଟ ହୋଇଯିବ । ଏହା ହିଁ ହଜରତ ମସିହ ମଉଦ ଅ.ସଙ୍କ ଆଗମନର ଉଦ୍ଦେଶ୍ୟ । ଅର୍ଥାତ୍ ଆପଣ ଆ:ସ ଭକ୍ତଙ୍କୁ ଈଶ୍ୱରଙ୍କ ନିକଟତର କରିବା ପାଇଁ ପ୍ରକଟ ହୋଇଥିଲେ ଏବଂ ଏହା ହିଁ ଆମ ବୟତ କରିବାର ଉଦ୍ଦେଶ୍ୟ ଯେ ଆମେ ନିଜକୁ ଈଶ୍ୱରଙ୍କ ନିକଟତର କରାଇବା, ତା ସହିତ ସଂପର୍କ ଯୋଡ଼ିବା ଏବଂ ତା'ର ସଠିକ୍ ଭକ୍ତ ହୋଇଯିବା । ଆମ ନାମଜ୍, ଆମର ଜୁମା, ଆମର ରୋଜା ଏବଂ ଆମର ଇଦ୍ ମଧ୍ୟ ଈଶ୍ୱରଙ୍କ ସାନ୍ନିଧ୍ୟ ପାଇବା ପାଇଁ ଓ ତାକୁ ହାସଲ କରିବା ପାଇଁ ହେଉ । ପ୍ରତ୍ୟେକ ବର୍ଷ ରମ୍‌ଜାନ୍‌ର ରୋଜାକୁ ମଧ୍ୟ ଅଲ୍ଲାଃ ତାଲା ଏଥିପାଇଁ ଧାର୍ଯ୍ୟ କରିଛନ୍ତି ଯେ ସମ୍ପୂର୍ଣ୍ଣ ଏକମାସ ଜଣେ ମୁମିନ୍ ବିଶେଷ ଧ୍ୟାନର ସହିତ ପୂଣ୍ୟ କାର୍ଯ୍ୟ କରୁ ଏବଂ ଉପାସନାର ସ୍ତରକୁ ଉଚ୍ଚା କରୁ ଓ ପୁଣି ତା ଉପରେ ପ୍ରତିଷ୍ଠିତ ରହୁ ଏବଂ ତା ପରେ ଆସନ୍ତା ରମଜାନ୍ ମାସରେ ତା ଠାରୁ ଆଗକୁ ପାଦ ଥାପୁ । ଏପରି ନ ହେଉ କି, ପୁର୍ନବାର ସେ ପୂର୍ବ ଅବସ୍ଥାକୁ ଫେରିଆସୁ । ଏପରି ନ ହେଉ କି ପୁଣି ରମଜାନ ମାସ ପରେ ପ୍ରଥମ ଅବସ୍ଥାକୁ ଆମେ ଫେରି ଆସୁ । ହଜରତ ମସିହ ମଉଦ ଅ.ସ ଆମକୁ କହିଛନ୍ତି ଯଦି ଆମର ଆଜିର ଦିନଟି ଆମର ବିଗତ କାଲିଠାରୁ ଉତମ ନାହିଁ ତେବେ ବାସ୍ତବରେ ଆମେ ଜଣେ ମୋମିନ୍ ନୁହେଁ । *(ମଲ୍‌ଫୁଜାତ୍ ଖଣ୍ଡ-୧୦, ପୃ-୧୩୮)*

ତେଣୁ ଆଜି ଆମେ ଜୁମାକୁ ବିଦାୟ ଦେବାକୁ ଏଠାରେ ଉପସ୍ଥିତ ହୋଇ ନାହେଁ ବରଂ ନିଜ ପୁଣ୍ୟକର୍ମ, ଉପାସନା ଓ ଅଲ୍ଲାଃଙ୍କ ପ୍ରେମରେ ଆଗକୁ ବଢିଚାଲିଥିବା ପାଦକୁ ମଜବୁତ୍

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

କରିବା ପାଇଁ ଏବଂ ସେଥିପାଇଁ ଦୁଆ କରିବା ନିମନ୍ତେ ଏକତ୍ରିତ ହୋଇଛେ । ଅତଏବ ଆଜି ଏହି ଶପଥ କରିବା ଉଚିତ୍ କି ଆମେ ଆସନ୍ତାରେ ଅଲ୍ଲାଃଙ୍କ ସହ ନିଜ ସମ୍ପର୍କକୁ ମଜବୁତ୍ କରିଚାଲିବା । **ଇନ୍ନଶା ଅଲ୍ଲାଃ** ଏବଂ ଏହି ଶପଥ ଓ ଦୁଆ ସେତେବେଳେ କରିପାରିବା ଯେତେବେଳେ ଅଲ୍ଲାଃଙ୍କ ନିକଟତର ହେବାର ଗୁରୁତ୍ୱକୁ ଆମେ ହୃଦୟଙ୍ଗମ କରିବା । ଯଦି ଏହାର ସମ୍ମାନ କରିବା ଜାଣିଥିବା ଯେତେବେଳେ ଅଲ୍ଲାଃତାଲାଙ୍କୁ ବାସ୍ତବରେ ସକଳ ଶକ୍ତିର ମାଲିକ ଓ ଉତ୍ସ ତଥା ସମସ୍ତ କାର୍ଯ୍ୟକୁ ଉତମ ରୂପେ ସମ୍ପାଦନକାରୀ ବୁଝିନେବା । କିନ୍ତୁ ଯଦି ଖେଳକୁଦ ଓ ସାଂସାରିକ ବାଣିଜ୍ୟ ବ୍ୟବସାୟ ଅଲ୍ଲାଃ ତାଲାଙ୍କ ସମ୍ମାନଠାରୁ ଅଧିକା ଥିବ ତେବେ ଆମର ଅବସ୍ଥା ସେହି ପିଲାର ଅବସ୍ଥାପରି ହେବ ଯିଏ ହୀରା ଗୁଡ଼ିକୁ ଚିହ୍ନିପାରିନଥାଏ ଓ ତା'ର ସମ୍ମାନ କରିବା ଜାଣିନଥାଏ ଯଦି ତାଙ୍କୁ କେଉଁଠି ହୀରା ମିଳିଯାଏ ତେବେ ତାକୁ କାଚର ବାଟି ବୋଲି ଭାବିଥାଏ ଏବଂ ପିଲାମାନେ ଯେଉଁ ବାଟିରେ ଖେଳିଥାନ୍ତି ତାହାକୁ ସେହିପରି ଭାବିଥାନ୍ତି ଓ ସେହି ହୀରା ସହିତ ମଧ୍ୟ ଖେଳିବା ଆରମ୍ଭ କରିଦେଇଥାନ୍ତି ।

ହଜୁର ଖଲିଫତୁଲ୍ ମସିହିଲ୍ ସାନୀ ର:ଅ ଗୋଟିଏ ଘଟଣା ବର୍ଣ୍ଣନା କରିଛନ୍ତି । ସେ କହୁଛନ୍ତି କି, ବୋଧ ହୁଏ ହଜ୍ ଯାତ୍ରା କରିବା ସମୟରେ ଯେତେବେଳେ ମୁଁ ମୁମ୍ବାଇଠାରେ ପାଣି ଜାହାଜକୁ ଅପେକ୍ଷା କରିଥିଲି ସେ ଯଗୁରେ ସମୁଦ୍ର ଯାତ୍ରା କରାଯାଉଥିଲା ଅର୍ଥାତ୍ ପାଣି ଜାହାଜ ଉପରେ ଯାତ୍ରା କରାଯାଉଥିଲା । ସେ କହୁଛନ୍ତି କି, ଜଣେ ବନ୍ଧୁ ସେତେବେଳେ ସେଠାରେ ତାଙ୍କୁ କହୁଥିଲେ ଯେ, କିଛି ଦିନ ହେବ ଜଣେ ଯୋହ୍‌ରି (ବଣିଆ) ବଜାରକୁ ଯାଉଥିଲା ସେ ସମୟରେ ତା ନିକଟରୁ ହୀରା ଥଳି ଗଳିପଡ଼ିଲା ବୋଧ ହୁଏ ୧୦୫ଟି ହୀରା ସେଥିରେ ଥିଲା କିଛି ବଡ଼ ବଡ଼ ଓ କିଛି ଛୋଟ ଛୋଟ ଆକାରର ଥିଲା । ସେ ପୋଲିସର କେନ୍ଦ୍ରୀୟ କାର୍ଯ୍ୟାଳୟ ଯାଇ ଏ ବିଷୟରେ ଏତଲା ଦେଲା ତେଣୁ ସେମାନେ ଆଗେ ଥାନାକୁ, ପୋଲିସ ଷ୍ଟେସନକୁ ଏତଲା ଦେଇଦେଲେ ଯେ, ଏ କାର୍ଯ୍ୟ ପ୍ରତି ଦୃଷ୍ଟି ଦିଆଯାଉ ଅର୍ଥାତ୍ ହୀରାକୁ ଖୋଜା ଯାଉ । କିଛି ଦିନପରେ ଜଣେ ବ୍ୟକ୍ତି ହୀରାଗୁଡ଼ିକୁ ନେଇ ପୋଲିସ ଷ୍ଟେସନରେ ପହଂଚି କହିଲା ଯେ, ମୁଁ କିଛି ପିଲାଙ୍କୁ ଏହା ସହିତ ଖେଳିବାର ଦେଖିଛି ସୁତରାଂ ଯେତେବେଳେ ଗୋଟିଏ ପିଲାକୁ ଏ ବିଷୟରେ ପଚରାଗଲା, ସେ କହିଲା ଯେ, ମୁଁ ତ ଏ ଗୁଡ଼ିକୁ କାଚ ବାଟି ବୋଲି ଭାବିଥିଲି ଏ ସବୁକୁ କାଗଜରେ ଗୁଡ଼ାଯାଇଥିବା ଅବସ୍ଥାରେ ପାଇଥିଲି । ସେ ଯାହା ହେଉ ସେହି ପିଲାଟି ସେ ସବୁକୁ ପାଇବା ପରେ କାଚ ବାଟି ବୋଲି ଭାବିନେଲା ଓ ତା ସହିତ ଖେଳିବାକୁ ଲାଗିଲା ଯେପରି ପିଲାମାନେ ଖେଳିଥାନ୍ତି । ଯେତେବେଳେ ତାକୁ ପଚରାଗଲା ଯେ ବାକି ବାଟିଗୁଡ଼ିକ କେଉଁଠି ଅଛି ଏଥିରେ ସେ କହିଲା ଯେ ମୁଁ ସେଗୁଡ଼ିକୁ ଆମ ସାହିରେ ଥିବା ଅନ୍ୟପିଲାମାନଙ୍କୁ ବାଂଟି ଦେଇଛି ଯେବେ କି ତାହା କେତେ ଲକ୍ଷ ଟଙ୍କାର ହୀରା ଥିଲା କିନ୍ତୁ ସେହି ପିଲାଟିକୁ ତା'ର ମୂଲ୍ୟ ବିଷୟରେ କ'ଣ ଜଣାଥିଲା । ସେ ତ କାଚବାଟି ଭାବି ତା ସହିତ ଖେଳିବାକୁ ଲାଗିଲା । ହଜରତ ମୁସ୍‌ଲେହ ମଉଦ ଆଗକୁ ଲେଖୁଛନ୍ତି କି, ଯଦି ତା'ର ବାପାକୁ ସେହି ହୀରା ସବୁ ମିଳିଥାନ୍ତା ତେବେ ବୋଧ ହୁଏ ସେ ସେଗୁଡ଼ିକୁ ଲୁଚାଇ ପକାଇଥାନ୍ତା, ବୋଧ ହୁଏ ଉକ୍ତ ସହରକୁ ଛାଡ଼ି ଚାଲିଯାଇଥାନ୍ତା ଓ ଅନ୍ୟ କୌଣସି ସହରକୁ ଯାଇ ସେଗୁଡ଼ିକୁ ବିକ୍ରୀ କରିଦେଇଥାନ୍ତା କିନ୍ତୁ ପିଲାଟିର ଦୃଷ୍ଟିରେ ସେଗୁଡ଼ିକର କୌଣସି ମୂଲ୍ୟ ନଥିଲା । ସେ ତାକୁ କାଚ ବାଟି ଭାବୁଥିଲା ଓ ଅନ୍ୟ ପିଲାଙ୍କୁ ମଧ୍ୟ ବାଂଟିଥିଲା । ଯଦି ସେହି ପିଲାଟିକୁ ମିଠେଇର ଗୋଳି (ଅର୍ଥାତ୍ ଚକଲେ୍‌ଟ) ମିଳିଥାନ୍ତା ତେବେ ସେ ସେଗୁଡ଼ିକୁ ଖୁସୀରେ ରଖିଥାନ୍ତା ଓ ବାଂଟି ନଥାନ୍ତା । ଯେତେବେଳେ ଅନ୍ୟ ପିଲାମାନେ ଏହି ହୀରାକୁ ତା'ଠାରୁ ମାଗୁଥିବେ ସେତେବେଳେ ସେ ଏକଥା କହୁଥିବ ଯେ, ମୋ ପାଖରେ ଏହିପରି ବାଟି ୧୦୫ଟା ଅଛି ଏତେ ଗୁଡ଼ିଏ ମୁଁ କଣ କରିବି ତେଣୁ ଏଥିରୁ କିଛି ତୁମେ ମଧ୍ୟ ନେଇଯାଅ, ଏକଥା ଭାବି ସେ ବାଂଟି ଦେଉଥିବ କିନ୍ତୁ ଯଦି ତାକୁ ମିଠାଗୁଳି ମିଳିଥାନ୍ତା ତେବେ ସେ କଦାପି ଅନ୍ୟମାନଙ୍କୁ ଏପରି ଦେଇନଥାନ୍ତା ଓ ମନେ ମନେ ଏ କଥା ଭାବିଥାନ୍ତା ଯେ ମୁଁ ଏ ସବୁକୁ ଏକୁଟିଆ ଖାଇବି ଅର୍ଥାତ୍ ତା ନିକଟରେ ମିଠା ଗୁଳି ଅଧିକ ମୁଲ୍ୟବାନ ଥିଲା ଓ ଅଧିକା କାମିକା ବସ୍ତୁ ଥିଲା । ତା ନିକଟରେ ଏହାଠାରୁ ଅଧିକା ଆଉ କୌଣସି ଗୁଳିର ଗୁରୁତ୍ୱ ଓ ମୂଲ୍ୟ ନଥିଲା ।

ସେହିଭଳି ଆଉ ଗୋଟିଏ କାହାଣୀ ହଜରତ ମୁସଲେହ ମଉଦ ର:ଅ ବର୍ଣ୍ଣନା କରିଛନ୍ତି କି, ଯଦି ଜଣେ ବ୍ୟକ୍ତି ଜଙ୍ଗଲ ଭିତରେ ଯାଉଥିଲା ତା'ର ଖାଦ୍ୟ ସମ୍ପୁର୍ଣ୍ଣରୂପେ ଶେଷ ହୋଇଯାଇଥିଲା ଫଳତଃ ତାର ଅବସ୍ଥା ଏପରି ହୋଇଯାଇଥିଲା ଯେ ସେ ଭୋକରେ ଆଉଟପାଉଟ ହେଉଥିଲା ତାକୁ ବଂଚିବାର କୌଣସି ମାର୍ଗ ଦେଖାଯାଉନଥିଲା ଏପରି ଅବସ୍ଥାରେ ରାସ୍ତାରେ ଗୋଟିଏ ଥଳୀ ତାକୁ ମିଳିଲା ସେ ତାକୁ ବହୁତ ଉତ୍ସାହିତ ହୋଇ ଓ ଏକଥା ଭାବି ଉଠାଇନେଲା ଯେ, କାଳେ ତା ଭିତରେ କିଛି ଖାଦ୍ୟ ଥିବ । ତେଣୁ ସେ ବ୍ୟାକୁଳ ହୋଇ ତାକୁ ଧରି ପକାଇଲା ଓ ଛୁରୀ ଦ୍ୱାରା ଖୋଲି ଦେଲା କିନ୍ତୁ ସେ ଜାଣିବାକୁ ପାଇଲା ଯେ ସେଗୁଡ଼ିକ ହେଉଛି ମୋତି । ସେହି ବ୍ୟକ୍ତି ଜଣକ ଅତ୍ୟନ୍ତ ଘୃଣା ଦୃଷ୍ଟିରେ ସେଗୁଡ଼ିକୁ ଫିଙ୍ଗି ଦେଲା କାରଣ ସେ ସମୟରେ ତା ପାଇଁ ମୋତି ଅପେକ୍ଷା ଏକ ମୁଠା ଶସ୍ୟ ବା ଖଣ୍ଡିଏ ରୋଟି ମୁଲ୍ୟବାନ ଥିଲା ହଜୁର ଅନଓ୍ୱର ଅ.ବ କହିଲେ 'ବସ୍ତୁର ଗୁରୁତ୍ୱ ତାହାର ଆବଶ୍ୟକତା ଓ ଜ୍ଞାତ ମୁତାବକ ହୋଇଥାଏ । କେତେକ ଲୋକ ନିଜ ଧାରଣା ଓ ଆବଶ୍ୟକତା ଅନୁଯାୟୀ (ବସ୍ତୁର) ଗୁରୁତ୍ୱ ପ୍ରତି ନଜର କରିଥାନ୍ତି । ଛୋଟ ଜିନିଷର ସନ୍ଧାନରେ ଅଣ୍ଟା ଭିଡ଼ି ଥାନ୍ତି ଏବଂ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବସ୍ତୁକୁ ଅଣଦେଖା କରିଦେଇଥାନ୍ତି । *(ଖୁତ୍‌ବାତେ ମେହମୁଦ୍ ଖଣ୍ଡ-୨୦, ପୃ- ୪୯୪ ରୁ ୪୯୫, ଖୁତ୍‌ବା ଜୁମା ପ୍ରଦତ ୩ ନଭେମ୍ବର ୧୯୩୯)*

ଏହି ସବୁ ଜିନିଷ ସାଂସାରିକ ମନସ୍କାମନା ପୂରଣ ହେବା ଓ ଅଲ୍ଲାଃ ତାଲାଙ୍କ ସହିତ ସଂପର୍କ ଯୋଡ଼ିବାର ମୁକାବିଲାରେ ମଧ୍ୟ ଆମକୁ ଦୃଷ୍ଟିଗୋଚର ହୋଇଥାଏ । ସଂସାରରେ ଅନେକ ଲୋକ ଅଛନ୍ତି ଯେ ଏପରି ଅବାନ୍ତର କାର୍ଯ୍ୟ କରିଥାନ୍ତି ଏବଂ ସଠିକ୍ ଜ୍ଞାନର ଅଭାବ ହେତୁ ଅବା ଅଜ୍ଞାନତା ବଶତଃ ଗୁରୁତ୍ୱପୂର୍ଣ୍ଣ ବସ୍ତୁକୁ ପ୍ରାଧାନ୍ୟ ଦେବା ପରିବର୍ତେ ଅନାବଶ୍ୟକ ବସ୍ତୁକୁ ଗୁରୁତ୍ୱ ଦେଇ ବସିଥାନ୍ତି । ହଜରତ ମୁସ୍‌ଲେହ ମଉଦ ର:ଅ ଦୁଆ ମାଗିବାର ଗୁରୁତ୍ୱ ପ୍ରସଙ୍ଗରେ ବହୁତ ଉତମ ପଏଂଟ ବର୍ଣ୍ଣନା କରିଛନ୍ତି ସେହି ପଏଂଟକୁ ବର୍ଣ୍ଣନା କରିବା ପୂର୍ବରୁ ମୁଁ ମଧ୍ୟ ବତାଇ ଦେଉଛି ଯେ, ମୋତେ ଲୋକ ପ୍ରଶ୍ନ କରିଥାନ୍ତି କି ଆମେ ଦୁଆ କରୁଛୁ ଏବଂ ଅତ୍ୟନ୍ତ ଆକୁଳ ଓ ଅଧିର ହୋଇ ଦୁଆ କରୁଛୁ କିନ୍ତୁ ତାହା ସ୍ୱୀକୃତି ଲାଭ କରୁ ନାହିଁ । ମୁଁ ତାଙ୍କ ଏହି ଉତର ଦେଇଥାଏ ଏବଂ ଏହି ପଙ୍କ୍ତି ମୁତାବକ ଦେଇଥାଏ ଯାହାର ସ୍ପଷ୍ଟିକରଣ ମୁଁ ରମଜାନର ପ୍ରଥମ ଖୁତବାରେ କରିଥିଲି କି ଯେଉଁସ୍ଥଳେ ଅଲ୍ଲାଃ କହିଛନ୍ତି ଯେ, ମୁଁ ନିଜ ଭକ୍ତର ନିକଟରେ ରହିଛି ଏବଂ ତାହାର ଦୁଆ ଶୁଣୁଛି । ଯେପରିକି ସେ କହିଛନ୍ତି **ଉଜିବୁ ଦାଅତଦ୍ ଦାଇ ଇଜା ଦାଆନି ଫଲ୍‌ୟସ୍‌ତଜିବୁ ଲି ଓ୍ୱଲ୍ ୟୁମିନୁ ବି ଲଅଲ୍ଲହୁମ୍ ୟର୍‌ଶୁଦୁନ୍** । ହଜରତ ମୁସଲେହ ମଉଦ ର.ଅ ଉକ୍ତ ପଙ୍କ୍ତିର ବ୍ୟାଖ୍ୟା କରି କହିଛନ୍ତି କି ଏଠାରେ **ଦାଓତଦ୍ ଦାଇ** ଦୁଆରେ ପ୍ରତ୍ୟେକ ଭିକ୍ଷାକାରୀ ଅନ୍ତର୍ଭୁକ୍ତ ନୁହେଁ ବରଂ ସେହି ବିଶେଷ ଭିକ୍ଷାକାରୀ ଯେ ଦିନରେ ଅଲ୍ଲାଃତାଲାଙ୍କ ଖାତିର ରୋଜା ରଖିଥାନ୍ତି, ଫର୍ଜ୍ ନମାଜ ପାଠ କରିଥାନ୍ତି, ଅଲ୍ଲାଃଙ୍କ ଗୁଣଗାନ କରିଥାନ୍ତି ଏବଂ ନିଜ ନମାଜ ଓ ଜୁମାର ସୁରକ୍ଷା କରିଥାନ୍ତି ତଥା ରଜନୀରେ ଅଧିର ଓ କାତୁର ହୋଇ ଅଲ୍ଲାଃଙ୍କୁ ସ୍ମରଣ କରିଥାନ୍ତି । ନିଃସନ୍ଦେହ ଅଦ୍‌ଦାଇର ଅର୍ଥ ପ୍ରତ୍ୟେକ ଭିକ୍ଷାକାରୀ ହୋଇଥାଇ ପାରେ କିନ୍ତୁ ଏଠାରେ ଯେହେତୁ ରମଜାନ (ମାସ)ଉପରେ ଚର୍ଚ୍ଚା ହେଉଅଛି ତେଣୁକରି ଏଠାରେ ସେହି ଲୋକ ଉଦ୍ଦେଶ୍ୟ ଅଟନ୍ତି ଯେଉଁମାନେ ନିଜର ଉପାସନାକୁ ବିଶେଷ ଭାବରେ ଅଲ୍ଲାଃଙ୍କ ଖାତିର ସମ୍ପାଦନ କରିଥାନ୍ତି । ପୁଣି ନିଜ ଉପାସନାକୁ କେବଳ ରମଜାନ ମାସରେ ହିଁ ସୀମିତ ରଖିନଥାନ୍ତି ବରଂ ବର୍ଷସାରା ତାଙ୍କର ଉପାସନା ଆଚ୍ଛାଦିତ ରହିଥାଏ । ଏମାନେ ସାଂସାରିକ କାମନା ପୂରଣ ନିମନ୍ତେ ଦୁଆ କରିନଥାନ୍ତି ବରଂ ସେମାନେ ସେହି ସର୍ବଶକ୍ତିମାନ ଈଶ୍ୱରଙ୍କୁ ଭିକ୍ଷା କରିଥାନ୍ତି । ଅଲ୍ଲାଃତାଲା କହିଛନ୍ତି ସବୁକିଛି ଭୁଲି ଯେ କେବଳ ଆମ୍ଭ ସାନିଧ ଲାଭ କରିବାର ଦୁଆ କରିଥାନ୍ତି ତେବେ ମୁଁ ତାଙ୍କର ଦୁଆ ନିଶ୍ଚତ ଶୁଣିଥାଏ । ଅଲ୍ଲାଃତାଲା କହିଛନ୍ତି ଯେ ମୋ ସହ ସାକ୍ଷାତ କରିବା ନିମନ୍ତେ ଉତ୍କଣ୍ଠିତ, ମୁଁ ସେମାନଙ୍କୁ ନିଶ୍ଚିୟ ମିଳିଥାଏ । କେତେକ ଲୋକ ମୋତେ (ପତ୍ର) ଲେଖିଥାନ୍ତି କି ଆମେ ଏଭଳି କାତୁରତାର ସହ ଦୁଆ କଲୁ ତଥାପି ଅଲ୍ଲାଃ ଶୁଣିଲେ ନାହିଁ । ଅଲ୍ଲାଃତାଲା ତ ଏହା କହିନାହାନ୍ତି ଯେ ମୁଁ ତୁମର ସକଳ ପ୍ରାର୍ଥନା ଓ କାମନା ସ୍ୱୀକାର କରିନେବି । ହଁ ଯଦି ନିଜ ଭିତରେ ପବିତ୍ର ପରିବର୍ତନ ଆଣି ଅଲ୍ଲାଃଙ୍କୁ ସାକ୍ଷାତ କରିବା ଓ ପ୍ରାପ୍ତି ନିମନ୍ତେ ଅଧିର ହୋଇ ଦୁଆ କର ତେବେ ଯେପରିକି ସେ କହିଛନ୍ତି ମୁଁ ନିଶ୍ଚିତ ଶୁଣିବି ଏବଂ ନିଜ ପ୍ରିୟ (ଭକ୍ତ)ର ବନ୍ଧୁ ପାଲଟି ତାହା ସହ ଛିଡ଼ା ହୋଇଯିବି, ତାହାର ମାନସିକ ପୂରଣ କରିବି ଏବଂ ତାହାର ଶତ୍ରୁମାନଙ୍କ ସହ ଲଢ଼ିବି ।

ଅତଃ ଆମେ ହଜରତ ମସିହ ମଉଦ ଅ.ସଙ୍କୁ ସ୍ୱୀକାର କରିଛେ ତେବେ ଆମର କର୍ତବ୍ୟ ଯେ ଆମେ ନିଜ ଉପାସନାର ସ୍ତରକୁ ଉର୍ଦ୍ଧ୍ୱଗାମୀ କରିବା, ଏହି ରମଜାନରେ ଯେଉଁ (ଉଚ୍ଚ)ସ୍ତର ହାସଲ କରିଛେ ଅବା ପହଂଚିବାକୁ ପ୍ରୟାସ କରିଛେ ତାହାର ତଳ ସ୍ତରକୁ ନିଜକୁ ନେଇ ନଯାଏ । ନିଜ ନମାଜର ସ୍ତର ମଧ୍ୟ ଉଚ୍ଚା କରି ଚାଲିବା, ଜୁମାରେ ହାଜର ହେବାକୁ ବଜାୟ ରଖିବା, ଅଲ୍ଲାଃଙ୍କ ଆଦେଶ ପାଳନକାରୀ ହେବା ସହିତ ବିଶେଷ କରି ସେହି ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବାର ପ୍ରୟାସ ସର୍ବଦା ଅବ୍ୟାହତ ରଖିବା ଯାହାକି ଅଲ୍ଲାଃଙ୍କୁ ତାଙ୍କରି ଅସ୍ତିତ୍ୱ (ପ୍ରାପ୍ତି କରିବା) ଭିକ୍ଷା କରିବା । ଅର୍ଥାତ ଏହି ପ୍ରୟାସ ରହିଥିବ କି କିଭଳି ଆମକୁ ଅଲ୍ଲାଃତାଲା ପ୍ରାପ୍ତ ହେବେ । ଆମ ନମାଜ, ଉପାସନା କେବଳ ଅଲ୍ଲାଃଙ୍କ ସାନିଧ ଲାଭ କରିବା ଉଦ୍ଦେଶ୍ୟ ରହିବା ଉଚିତ୍ । ଅଲ୍ଲାଃତାଲା ଆମମାନଙ୍କୁ ଏହି ସ୍ତର ହାସଲ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘ ⌘⌘⌘ ⌘⌘⌘

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ଓ୍ୱଲିଇଉଁ ଓ୍ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

*ପୃଷ୍ଠା- ୨ର ଅବଶିଷ୍ଟାଂଶ ......*

ହିଜର୍ ଅସକଲାନି ବର୍ଣ୍ଣନା କରନ୍ତି କି ୟରମୁକ୍ ଯୁଦ୍ଧରେ ସାମିଲ ହୋଇଥିବା ମାନ୍ୟଗଣ୍ୟ ମୁସଲମାନମାନଙ୍କ ମଧ୍ୟରେ ଜଣେ ଉତବା ବିନ୍ ରବିୟା ଥିଲେ । ଉକ୍ତ ଯୁଦ୍ଧ ୧୨/୧୩ ହିଜରୀରେ ହଜରତ ଅବୁବକର ର.ଅଙ୍କ ଖିଲାଫତ୍ ସମୟ କାଳରେ ଖାଲିଦ୍ ବିନ୍ ଓଲିଦ୍‌ଙ୍କ ଅଧକ୍ଷତାରେ ରୋମୀମାନଙ୍କ ସହ ଲଢା ଯାଇଥିଲା । ରୋମୀ ସୈନିକମାନଙ୍କ ସଂଖ୍ୟା ଦୁଇରୁ ଅଢେଇ ଲକ୍ଷ ଥିବାର ବର୍ଣ୍ଣନା ମିଳୁଅଛି । ଯେତେବେଳେ କି ମୁସଲମାନ ସୈନିକଙ୍କ ସଂଖ୍ୟା ୩୭ରୁ ୪୬ ହଜାର ମଧ୍ୟରେ ଥିଲା । ମୁସଲମାନମାନଙ୍କ ସେନାରେ ପାଖାପାଖି ୧୦୦୦ ଏଭଳି ବୟୋଜ୍ୟେଷ୍ଠ ବ୍ୟକ୍ତି ଥିଲେ ଯେ ହଜୁର ସ.ଅଙ୍କ ପବିତ୍ର ଚେହେରା ଦେଖିଥିଲେ । ଅର୍ଥାତ ସେମାନେ ବଦର ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ଉଭୟ ଦଳ ମଧ୍ୟରେ ଘମାଶାନ ଲଢେଇ ହେଲା । ଏହି ସମୟରେ ହଜରତ ଅବୁବକର ର.ଅଙ୍କ ଦେହାନ୍ତ ଘଟିଲା କିନ୍ତୁ ଖାଲିଦ୍ ବିନ୍ ଓଲିଦ୍ ଏହି ଖବରକୁ ସୈନିକଙ୍କ ମଧ୍ୟରେ ପ୍ରଘଟ ହେବାକୁ ଦେଲେ ନାହିଁ । ତେବେ ସେ ଯାହା ହେଉ ମୁସଲମାନ ସୈନିକମାନେ ନିଜ ନିଜ ସ୍ଥାନରେ ଅଟଳ ରହିଲେ ଯଦ୍ୱାରା ସନ୍ଧ୍ୟା ସୁଧା ରୋମୀ ସୈନିକ ଯୁଦ୍ଧ କ୍ଷେତ୍ରରୁ ପଳାୟନ କରିବା ଆରମ୍ଭ କରିଦେଲେ । ଏହି ଯୁଦ୍ଧରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ରୋମୀ ସୈନିକ ମୃତ୍ୟୁ ବରଣ କରିଥିଲେ ଏବଂ ୩୦୦୦ମୁସଲମାନ ସୈନିକ ଶହିଦ୍ ହୋଇଥିଲେ । ସେମାନଙ୍କ ମଧ୍ୟରେ ହଜରତ ଅକରମା ବିନ୍ ଅବୁଜହଲ ମଧ୍ୟ ଥିଲେ । ୟରମୁକ୍ ଯୁଦ୍ଧ ବିଜୟ କରିବା ଅନ୍ତେ ମୁସଲମାନ ସେନା ବାହିନୀ ସମଗ୍ର ସିରିୟା ଦେଶରେ ନିଜ ଆଧିପତ୍ୟ ବିସ୍ତାର କରିନେଲେ ଏବଂ କନସରିନ୍ ଅନତାକିୟା, ଜୁମା, ସରମିନ୍, ତେଯିନ୍, କୋରସ୍, ତଲ ଅଯଅୟ୍, ଯଲିକ୍, ରବାନ ଆଦି ସ୍ଥାନରେ ମୁସଲମାନମାନେ ଅତି ସହଜରେ ବିଜୟ ପ୍ରାପ୍ତ କରିନେଲେ ।

ଖୁତବାର ଶେଷରେ ହଜୁର ଅନଓ୍ୱର ଅ.ବ କହିଲେ- ବର୍ତମାନ ମୁଁ ଆଉ ଏକ ଚର୍ଚ୍ଚା କରିବାକୁ ଚାହେଁ ଯାହାକି ଶ୍ରୀମତି ରାଜଜେମା ସବିହା ବେଗମ ସାହେବାଙ୍କର ଅଟେ । ଆପଣ ହଜରତ ମିର୍ଜା ବଶିର ଅହମଦ ସାହେବ ର.ଅଙ୍କର ଜ୍ୟେଷ୍ଠ କନ୍ୟା ଶ୍ରୀମତି ଅମତୁଲ୍ ସଲାମ ସାହେବା ଓ ହଜରତ ମିର୍ଜା ରଶିଦ୍ ଅହେମଦ ସାହେବଙ୍କର ଜ୍ୟେଷ୍ଠ କନ୍ୟା ଥିଲେ ଏବଂ ହଜରତ ମୁସଲେହ ମଉଦ ର.ଅ ଓ ହଜରତ ଉମେ ନାସିର ର.ଅଙ୍କ ଜ୍ୟେଷ୍ଠ ପୁତ୍ର ମିର୍ଜା ଅନଓ୍ୱର ଅହେମଦ ସାହେବଙ୍କର ପତ୍ନୀ ଥିଲେ । ଚଳିତ ଅପ୍ରେଲ ମାସ ୩୦ ତାରିଖ ଦିନ ୯୦ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍** । ହଜୁର ଅନଓ୍ୱର ଅ.ବ କହିଲେ ଏହି ସମ୍ପର୍କରୁ ସେ ମୋର ମାମି ମଧ୍ୟ ଥିଲେ । ସେ ହଜରତ ଖଲିଫତୁଲ୍ ମସି ଚତୁର୍ଥଙ୍କ ପତ୍ନୀ ହଜରତ ସୟଦା ଆସଫା ବେଗମ୍ ସାହେବାଙ୍କର ବଡ଼ ଭଉଣି ଥିଲେ । ତାଙ୍କ ପୁତ୍ର ଲେଖିଛନ୍ତି ମୋ ମାତା ଅତ୍ୟନ୍ତ ସରଳ, ଗରିବମାନଙ୍କ ଦେଖାଶୁଣାକାରୀ, ସମସ୍ତ ପ୍ରକାର ସୁଖଦୁଃଖ ପରିସ୍ଥିତିରେ ସାହାଯ୍ୟକାରୀ ଓ ଅଭବିମାନଙ୍କ ଆବଶ୍ୟକ ପୂରଣକାରୀ ମହିଳା ଥିଲେ । ନିଜ (ଘରେ କାର୍ଯ୍ୟରତ) କର୍ମଚାରୀମାନଙ୍କ ଦେଖାଶୁଣା କରିବା ଓ ସେମାନଙ୍କ ସହ ଅତ୍ୟନ୍ତ ଭଦ୍ର ଆଚରଣ କରୁଥିଲେ । ତାଙ୍କର ତିନି ଜଣ କନ୍ୟା ଓ ଗୋଟିଏ ପୁତ୍ର ସନ୍ତାନ ଅଛନ୍ତି । ଅଲ୍ଲାଃତାଲା ତାଙ୍କ ସନ୍ତାନମାନଙ୍କୁ ମଧ ନିଜ ମାତାଙ୍କ ପୁଣ୍ୟ ଆପଣାଇବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ପରସ୍ପର ସହ ପ୍ରେମ ଓ ଭଲପାଇବା ସମ୍ପର୍କକୁ ସୁଦୃଢ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ତଥା ଖିଲାଫତ୍ ସହ ସର୍ବଦା ଜଡ଼ିତ ରଖିଥାନ୍ତୁ ।

⌘⌘⌘ ⌘⌘⌘ ⌘⌘⌘

## ସାଲାନା ଇଜିତେମା

### ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍ନା ଇମାଇଲାଙ୍କଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦିଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ-୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍‌ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

| | |
|---|---|
| **ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ** | ‘‘ସଂସାରପ୍ରାପ୍ତି କରିବାର ଅସଲ ଉଦ୍ଦେଶ୍ୟ ଧର୍ମ ହେବା ଉଚିତ ଓ ଏପରି ସଂସାରକୁ ପ୍ରାପ୍ତ କରାଯାଉ ଯେପରି ତାହା ଦୀନ୍ (ଅର୍ଥାତ୍ ଧର୍ମ)ର ସେବକ ହେଉଥିବ ।’’ *(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)* |

ତାଲିବେ ଦୁଆ: *Abdul Chand, Jamat Ahmadiyya, Kerang (Odisha)*

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଚ୍ଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ ନାହିଁ (୩)ପ୍ରାର୍ଥୀକୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର୍ ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟର୍‌ଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭର୍‌ମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ୍ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ୍ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ)

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ରେ ଚତୁର୍ଥ ଶ୍ରେଣୀ କର୍ମୀ ରୂପେ ସେବା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ରେ ଚତୁର୍ଥ ଶ୍ରେଣୀ କର୍ମୀ ପଦବୀର ଖାଲିସ୍ଥାନ ପୂରଣ ନିମନ୍ତେ ପ୍ରାର୍ଥୀ ଆବଶ୍ୟକ ଅଛି । ଯେଉଁମାନେ ଉକ୍ତ ପଦବୀରେ ଖିଦମତ୍ (ସେବା) କରିବାକୁ ଚାହୁଁଛନ୍ତି ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ ଦେଇପାରିବେ ।

(୧) ପ୍ରାର୍ଥୀଙ୍କ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ ।

(୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବ, ଜନ୍ମ ପ୍ରମାଣ ପତ୍ର ଉପସ୍ଥାପନ କରିବା ଜରୁରୀ ।

(୩) ସେହି ପ୍ରାର୍ଥୀମାନଙ୍କୁ ଖିଦ୍‌ମତ୍ ନିମନ୍ତେ ଚୟନ କରାଯିବ ଯେଉଁମାନେ ମର୍କଜ୍ ଦ୍ୱାରା ନିୟୋଜିତ ଭର୍ତି କମିଟିର କର୍ମୀ ଇଂଟରଭ୍ୟୁରେ ସଫଳ ହେବେ ।

(୪) ସେହି ପ୍ରାର୍ଥୀଙ୍କୁ ଖିଦ୍‌ମତ୍ କରିବାର ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସୁସ୍ଥସବଳ ଓ ସ୍ୱାସ୍ଥ୍ୟବାନ ହୋଇଥିବେ ।

(୫) ପ୍ରାର୍ଥୀ କାଦିୟାନ୍ ଯାତୟାତର ଖର୍ଚ୍ଚ ନିଜେ ବହନ କରିବେ ।

(୬) ଯଦି କୌଣସି ପ୍ରାର୍ଥୀ ନିଯୁକ୍ତି ପାଆନ୍ତି ତେବେ ଏପରି ପରିସ୍ଥିତିରେ ପ୍ରାର୍ଥୀ କାଦିୟାନରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(୭) ପ୍ରସ୍ତାବିତ ଦରଖାସ୍ତ ଫର୍ମ ନଜାରତ୍ ଦିଓ୍ୱାନ୍ ସଦର ଅଞ୍ଜୁମନ ଅହେମଦିୟାଙ୍କଠାରୁ ହାସଲ କରିନିଅନ୍ତୁ ।

ଏହି ବିଜ୍ଞାପନ ଘୋଷଣାର ଦୁଇମାସ ମଧ୍ୟରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ, ତାହା ବିଚାରକୁ ନିଆଯିବ । (ନାଜର୍ ଦିଓ୍ୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ
ନଜାରତ୍ ଦିଓ୍ୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍
ଅଫିସ୍:- ୦୧୮୭୨-୫୦୧୧୩୦
ଇ-ମେଲ୍:- nazaratdiwanqdn@gmail.com

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ‘‘ଅଖ୍‌ବାର୍ ବଦର୍’’ ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବଓ୍ୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

# : ଖୁତ୍‌ବା ଜୁମା :

## ''ହେ ଯଏଦ୍ ତୁମେ ହେଉଛ ମୋର ବନ୍ଧୁ ଏବଂ ତୁମେ ହେଉଛ ମୋ ମଧ୍ୟରୁ ଓ ମୋ ତରଫରୁ ଏବଂ ତୁମେ ମୋତେ ସବୁ ଲୋକମାନଙ୍କଠାରୁ ପ୍ରିୟ''

## ''ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୁଁ ଆପଣ ସ:ଆ:ସଙ୍କ ଉପରେ କେବେ ମଧ୍ୟ କାହାକୁ ଅଗ୍ରାଧିକାର ଦେବି ନାହିଁ''

## ଯେଉଁ ପ୍ରେମ ଓ ନିଷ୍ଠା ମୁଁ ଆପଣ ସ:ଆ:ସଙ୍କ ନିକଟରେ ଦେଖିଛି ସେଥିପାଇଁ ଆପଣ ସ:ଆ:ସ ମୋତେ ସମସ୍ତଙ୍କଠାରୁ ଅଧିକ ପ୍ରୀୟ

## ନିଷ୍ଠା ଓ ଭକ୍ତି ଭାବରେ ପରିପୂର୍ଣ୍ଣ ରସୁଲୁଲ୍ଲା ସ:ଆ:ସଙ୍କ ସାହାବିଗଣ

## ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍, ହଜରତ ଆକିଲ୍ ବିନ୍ ବୁକୈର୍ ଏବଂ ହଜରତ ଜଏଦ୍ ବିନ୍ ହାରସାଃ ରଜିୟଲାହୁ ଅନହୁମ୍ ଓ୍ୱ ରଜୁ ଅନହୁଙ୍କ ପବିତ୍ର ଜୀବନ ଚରିତର ହୃଦୟସ୍ପର୍ଶୀ ବର୍ଣ୍ଣନା

## ଉମ୍ମୁଲ୍ ମୁମିନିନ୍ ହଜରତ ଖଦିଜାଃ ର:ଅଙ୍କ ନବୀ ଅକରମ୍ ସ:ଆ:ସଙ୍କ ସହିତ ମାତ୍ରାଧିକ ପ୍ରେମ ଭାବ ଏବଂ ଆପଣ ସ:ଆ:ସଙ୍କ ମହାନତମ ଚରିତ୍ରର ଚର୍ଚ୍ଚା, ରଜିଇ ଘଟଣାର ବର୍ଣ୍ଣନା

**ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୦୭ ଜୁନ୍ ୨୦୧୯ ଅନୁଯାୟୀ ୦୭ ଏହ୍‌ସାନ୍ ୧୩୯୮ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ- ଆଜି ମୁଁ ପୁନଶ୍ଚ ବଦରୀ ସାହାବାଙ୍କ ଚର୍ଚ୍ଚା ଆରମ୍ଭ କରିବି । ଆଜି ଯେଉଁ ସାହାବାଙ୍କ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରେ ପ୍ରଥମ ସାହାବି ହେଲେ ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ । ହଜରତ ମୌତିବ୍ ବିନ୍ ଅବିଦ୍ ର.ଅ ଓ ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ଗୋଟିଏ ମା'ଙ୍କ ଔରଷରୁ ଜନ୍ମିତ ଦୁଇ ଭାଇ ଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ଓ ହଜରତ ମୌତିବ୍ ବିନ୍ ଅବିଦ୍ ର.ଅ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ୍ ଥିଲେ ଏବଂ ରଜିୟି ଘଟଣାରେ ଉଭୟ ଭାଇଙ୍କୁ ବୀରଗତି ପ୍ରାପ୍ତ ହୋଇଥିଲା । ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ସେହି ଛ'ଜଣ ସାହାବି ଓ କେତେକ କଥନ ଅନୁଯାୟୀ ସେହି ୧୦ଜଣ ସାହାବାଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯାହାଙ୍କୁ ୩ହିଜରୀର ଶେଷ ପର୍ଯ୍ୟାୟରେ କବିଲା ଅଜଲ୍ ଓ କାରାଙ୍କ ନିକଟକୁ ପ୍ରେରଣ କରାଯାଇଥିଲା । ଯଦ୍ୱାରା ସେ ତାଙ୍କୁ ଧର୍ମ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିବେ ଏବଂ କୁରଆନ୍ ଓ ଇସଲାମୀୟ ଶରିୟତ୍‌ର ଶିକ୍ଷା ଦେବେ । ଯେତେବେଳେ ସେମାନେ ରଜିୟିରେ ପହଂଚିଲେ ଯାହାକି ହିଜାଯ୍ ସ୍ଥାନରେ ଏକ ନିର୍ଝର ନିକଟରେ ଅବସ୍ଥିତ, ଯାହାକି ହଜିଲ୍ କବିଲାର ଅଧିକୃତ ଜମି ଥିଲା । ଏଥିରେ ହଜିଲ୍ କବିଲାର ଲୋକମାନେ ବିଦ୍ରୋହ ପ୍ରଦର୍ଶନ କରି ସେହି ସାହାବାମାନଙ୍କୁ ଘେରାଉ କରି ସେମାନଙ୍କୁ ହତ୍ୟା କରିଦେଲେ । ସେମାନଙ୍କ ମଧ୍ୟରୁ ସାତ ଜଣ ସାହାବାଙ୍କ ନାମ ଏପରି-

ହଜରତ ଆସିମ୍ ବିନ୍ ସାବିତ, ହଜରତ ମରସଦ୍ ବିନ୍ ଅବୁ ମରସଦ୍, ହଜରତ ଖବିବ୍ ବିନ୍ ଅଦି, ହଜରତ ଖାଲିଦ୍ ବିନ୍ ବକିର, ହଜରତ ଜୈଦ୍ ବିନ୍ ଦସନାଃ, ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ଓ ହଜରତ ମୌତିବ୍ ବିନ୍ ଅବିଦ୍ । ସେମାନଙ୍କ ମଧ୍ୟରେ ହଜରତ ମରସଦ୍ ହଜରତ ଖାଲିଦ୍, ହଜରତ ଆସିମ୍ ଓ ହଜରତ ମୌତିବ୍ ବିନ୍ ଅବିଦ୍ ଘଟଣାସ୍ଥଳରେ ହିଁ ଶହିଦ୍ ହୋଇଯାଇଥିଲେ । ହଜରତ ଖବିବ୍, ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ଓ ହଜରତ ଜୈଦ୍ ଆତ୍ମସର୍ମପଣ କରିବାରୁ ଅମାନ୍ୟକାରୀମାନେ ତାଙ୍କୁ କଏଦ କରି ମକ୍କା ଆଡ଼କୁ ନେଇ ଯାଇଥିଲେ । ଯେତେବେଳେ ସେମାନେ ଯୈହରାନ୍ (ଯାହାକି ମକ୍କା ଠାରୁ ୫ମିଲ୍ ଦୂରରେ ଅବସ୍ଥିତ ଏକ ବିସ୍ତିର୍ଣ୍ଣ ପଡ଼ିଆ ନିକଟ)ରେ ପହଂଚିଲେ, ସେଠାରେ ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ହାତରେ ବନ୍ଧା ଯାଇଥିବା ରସିରୁ ନିଜକୁ ମୁକୁଳାଇ ସେମାନଙ୍କ ସହ ଲଢ଼ିବା ପାଇଁ ନିଜ ଖଣ୍ଡା ଉଠାଇ ଦେଲେ । ଏହା ଦେଖି ଅମାନ୍ୟକାରୀ ତାଙ୍କ ନିକଟରୁ ଦୂରେଇ ଯାଇ ତାଙ୍କୁ ପଥର ମାରିବା ଆରମ୍ଭ କରିଦେଲେ, ଏପରିକି ତାଙ୍କୁ ଶହିଦ୍ କରିଦେଲେ । ତାଙ୍କର କବର ଯୈହରାନ୍ ଠାରେ ରହିଛି । ହଜୁର ସ.ଅଙ୍କ ପ୍ରବାସ କରିବାର ୩୬ ମାସ ଅର୍ଥାତ ସଫର ମାସରେ ରଜିୟି ଘଟଣା ଘଟିଥିଲା ।

ଏହି ଘଟଣା ସମ୍ବନ୍ଧରେ ହଜରତ ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି କି ହଜରତ ମହମ୍ମଦ ସ.ଅ ୪ହିଜରୀରେ ନିଜର ୧୦ ଜଣ ସାହାବିଙ୍କ ଏକ ଦଳ ଗଠନ କରି ସେମାନଙ୍କ ମଧ୍ୟରେ ଆସିମ୍ ବିନ୍ ସାବିତଙ୍କୁ ଅମିର ଚୟନ କରି ତାଙ୍କୁ ଆଦେଶ ଦେଇଥିଲେ କି ସେମାନେ ଲୁଚିଲୁଚି ମକ୍କା ନିକଟକୁ ଯାଇ କୁରୈଶଙ୍କ ଗତିବିଧି ଲକ୍ଷ କରିବେ । ବର୍ତ୍ତମାନ ସେହି ଦଳ ପ୍ରସ୍ଥାନ କରି ନଥିଲେ କି ଅଜଲ୍ ଓ କାରା କବିଲାର କିଛି ଲୋକ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ ନିବେଦନ କଲେ କି ଆମ ଗୋଷ୍ଠୀର ଅନେକ ଲୋକ ଇସଲାମ ପ୍ରତି ଆକର୍ଷିତ ହୋଇଛନ୍ତି । ସୁତରାଂ ଆପଣ କିଛି ଲୋକଙ୍କୁ ଆମମାନଙ୍କ ସାଥିରେ ଛାଡ଼ନ୍ତୁ ଯେ ଆମକୁ ଇସଲାମ ସମ୍ବନ୍ଧରେ ଅବଗତ କରାଇବେ ଯଦ୍ୱାରା ଆମେ ଇସଲାମ ଧର୍ମରେ ଅନ୍ତର୍ଭୁକ୍ତ ହୋଇଯିବୁ । ହଜରତ ମହମ୍ମଦ ସ.ଅ ସେହି ବାର୍ତ୍ତାବହ ଦଳ ଯେ ମକ୍କା ଆଡ଼କୁ ପ୍ରେରଣ କରିବା ନିମନ୍ତେ ଗଠନ କରାଯାଇଥିଲେ, ସେମାନଙ୍କ ସାଥିରେ ପ୍ରେରଣ କରିଦେଲେ କିନ୍ତୁ ଯେପରିକି ପରବର୍ତୀ ସମୟରେ ଏହା ପ୍ରମାଣିତ ହେଲା କି ସେମାନେ ମିଥ୍ୟାବାଦୀ ଥିଲେ ଏବଂ ବନୁ ଲହୟାନ୍‌ଙ୍କ କହିବାରେ ମଦିନା ଆସିଥିଲେ ଯେ ନିଜ ମୁଖିଆ ସୁଫୟାନ୍ ବିନ୍ ଖାଲିଦ୍‌ଙ୍କ ହତ୍ୟାର ପ୍ରତଶୋଧ ନେବା ପାଇଁ ଏପ୍ରକାର କୁଟନିତୀ ଆପଣାଇ ଥିଲେ କି କିଛି ମୁସଲମାନମାନଙ୍କୁ ମଦିନାରୁ ବାହାର କରି ତାଙ୍କ ଉପରେ ଆକ୍ରମଣ କରିଦେବା ଏବଂ ବନୁ ଲହୟାନ ଏହି କାର୍ଯ୍ୟ ନିମନ୍ତେ ଅଜଲ୍ ଓ କାରାର ଲୋକମାନଙ୍କୁ ଅନେକ ଓଟ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ । ଯେତେବେଳେ ଅଜଲ୍ ଓ କାରାର ଏହି ବିଶ୍ୱାସଘାତୀମାନେ ମକ୍କା ନିକଟରେ ପହଂଚିଲେ ସେମାନେ ବନୁ ଲହୟାନଙ୍କ ନିକଟକୁ ଗୁପ୍ତ ଭାବରେ ସୂଚନା ଦେଲେ କି ମୁସଲମାନ ଆମମାନଙ୍କ ସାଥିରେ ଆସୁଛନ୍ତି, ତୁମେ ପ୍ରତିଶୋଧ ନେବା ପାଇଁ ଚାଲିଆସ । ଯଦ୍ୱାରା ଉକ୍ତ କବିଲାର ୨୦୦ଜଣ ଯୁବକ ଯେଉଁମାନଙ୍କ ମଧ୍ୟରେ ୧୦୦ଜଣ ଧନୁର୍ଧାରୀ ଥିଲେ ମୁସଲମାନଙ୍କ ଆଡ଼କୁ ବଢିଲେ ଏବଂ ରଜିୟି ସ୍ଥାନରେ ସେମାନଙ୍କର ମୁହାଁ ମୁହିଁ ମୁକାବିଲା ହୋଇଥିଲା । ମୁସଲମାନମାନେ ନିଜ ବୁଦ୍ଧି ବଳରେ ନିକଟରେ ଥିବା ଏକ ପାହାଡ଼ିଆ ଚଟାଣ ଉପରକୁ ଚଢିଯାଇଥିଲେ ଯଦ୍ୱାରା ମୁକାବିଲା ନିମନ୍ତେ ନିଜକୁ ପ୍ରସ୍ତୁତ କରିନେବେ । ଅମାନ୍ୟକାରୀମାନେ ଯାହାଙ୍କ ନିକଟରେ ବିଶ୍ୱାସଘାତ କରିବା କୌଣସି କଳୁଷିତ କାର୍ଯ୍ୟ ନଥିଲା, ସେମାନଙ୍କୁ କହିଲେ ତୁମେ ତଳକୁ ଚାଲିଆସ ଆମେ ଦୃଢ ଶପଥ କରୁଛୁ କି ଆମେ ତୁମକୁ ହତ୍ୟା କରିବୁ ନାହୁଁ । ହଜରତ ଆସିମ ର.ଅ ଉତର ଦେଲେ ଆମକୁ ତୁମ ପ୍ରତିଜ୍ଞା ଉପରେ ତିଳେ ମାତ୍ର ଭରଷା ନାହିଁ । ତା'ପରେ ସେ ଆକାଶ ମାର୍ଗକୁ ଚାହିଁ କହିଲେ ହେ ଈଶ୍ୱର ! ତୁମେ ଆମକୁ ଦେଖୁଅଛ ତେଣୁ ନିଜ ରସୁଲଙ୍କୁ ଆମ ଅବସ୍ଥା ସମ୍ବନ୍ଧରେ ସୂଚିତ କରାଇଦିଅ । ସେ ଯାହା ହେଉ ହଜରତ ଆସିମ ଓ ତାଙ୍କ ସାଥିମାନେ ମୁକାବିଲା କଲେ ଓ ଶେଷରେ ବୀରଗତି ପ୍ରାପ୍ତ କଲେ । ସାତ ଜଣ ସାହାବା ପ୍ରାଣ ତ୍ୟାଗ କରିଥିଲେ ଏବଂ କେବଳ ଖବିବ୍ ବିନ୍ ଅଦି, ଜୈଦ୍ ବିନ୍ ଦସନା ଓ ଅବଦୁଲ୍ଲାଃ ବିନ୍ ତାରିକ୍ ବର୍ତ୍ତି ଯାଇଥିଲେ । ଅମାନ୍ୟକାରୀମାନଙ୍କ ଉଦ୍ଦେଶ୍ୟ ଥିଲା କି ସେମାନଙ୍କୁ ଜୀବିତ ଧରି ନେଇଥାନ୍ତେ, ତେଣୁ ସେମାନେ ପୁନଶ୍ଚ ଉଚ୍ଚ ଶ୍ୱରରେ କହିଲେ ତଳକୁ ଚାଲିଆସ ଆମେ ପ୍ରତିଜ୍ଞା କରୁଛୁ କି ତୁମକୁ କୌଣସି ପ୍ରକାର କଷ୍ଟ ଦିଆଯିବ ନାହିଁ । ଏଥର ମୁସଲମାନମାନେ ତାଙ୍କ କଥା ବିଶ୍ୱାସ କରି ତଳକୁ ଚାଲି ଆସିଥିଲେ କିନ୍ତୁ ତଳକୁ ଆସିବା ମାତ୍ରେ ଅମାନ୍ୟକାରୀମାନେ ସେମାନଙ୍କୁ ନିଜ ତୀର ତରଓ୍ୱାଲର ଭୟ ଦେଖାଇ ଶିଘ୍ରତାର ସହ କଏଦ କରିନେଲେ । ଏଥିରେ ସେମାନେ ଚିତ୍କାର କରି ଉଠିଲେ କି ଏହା ତୁମର ବିଶ୍ୱାସଘାତକତା ନୁହଁ ଏବଂ ଜଣା ନାହିଁ ଆସନ୍ତାରେ ତୁମେ ଆମ ସହ କିଭଳି ଆଚରଣ କରିବ । ଅବଦୁଲ୍ଲାଃ ତାଙ୍କ ସାଥିରେ ଯିବାକୁ ମନା କରିବାରୁ ଅମାନ୍ୟକାରୀମାନେ ତାଙ୍କୁ କିଛି ଦୂର ଘୋଷାଡ଼ି ନେଇଥିଲେ, ତାପରେ ତାଙ୍କୁ ହତ୍ୟା କରି ସେହିଠାରେ ଛାଡ଼ି ଚାଲିଗଲେ । ଆଉ ଏକ ବର୍ଣ୍ଣନା ରହିଛି କି ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ନିଜକୁ ମୁକ୍ତ କରି ନେଇ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥିଲେ, ଏହା ଦେଖି ଅମାନ୍ୟକାରୀମାନେ ତାଙ୍କୁ ପଥର ମାରିମାରି ଶହିଦ୍ କରିଦେଇଥିଲେ । ତା'ପରେ ସେମାନେ ହଜରତ ଖବିବ୍ ଓ ଜୈଦ୍‌ଙ୍କୁ ସାଥିରେ ନେଇ ମକ୍କା ଚାଲି ଯାଇଥିଲେ । ସେଠାରେ

ପହଂଚି ସେମାନେ ତାଙ୍କୁ କୁରୈଶଙ୍କୁ ବିକ୍ରି କରିଦେଇଥିଲେ । ହଜୁର ଅନୱର ଅ.ବ କୁହନ୍ତି- ସେ ଯାହା ହେଉ ହଜରତ ଅବଦୁଲ୍ଲାଃ ବିନ୍ ତାରିକ୍ ରଜିଯି ଘଟଣାରେ ଅମାନ୍ୟକାରୀଙ୍କ ସାଥିରେ ଯିବାକୁ ମନା କରିଦେଇଥିଲେ ଏବଂ ସେହିଠାରେ ସେମାନଙ୍କ ସହ ପ୍ରତିଦ୍ୱନ୍ଦିତା କରି ବୀରଗତି ପ୍ରାପ୍ତ କରିଥିଲେ ।

ଦ୍ୱିତୀୟ ସାହାବି ଯାହାଙ୍କ ଚର୍ଚ୍ଚା କରିବି ସେ ହେଲେ ହଜରତ ଆକିଲ ବିନ୍ ବକିର ର.ଅ । ହଜରତ ଆକିଲଙ୍କ ସମ୍ପର୍କ ବନୁ ସାଦ ବିନ୍ ଲେସଙ୍କ ସହ ଥିଲା । ହଜରତ ଆକିଲଙ୍କ ପ୍ରଥମ ନାମ ଗାଫିଲ ଥିଲା କିନ୍ତୁ ଯେତେବେଳେ ସେ ଇସଲାମ ଧର୍ମରେ ଦୀକ୍ଷିତ ହେଲେ ସେତେବେଳେ ହଜୁର ସ.ଅ ତାଙ୍କ ନାମ ଆକିଲ ରଖିଦେଲେ । ତାଙ୍କ ପିତା ବକିର ଇସଲାମର ଆଗମନ ପୂର୍ବରୁ ହଜରତ ଉମରଙ୍କ ପଡ଼ଦଦା ନଫିଲ୍ ବିନ୍ ଅବଦୁଲ୍ ଅଯାଙ୍କ ମିତ୍ର ଥିଲେ । ଏହିପରି ବକିର ଓ ତାଙ୍କର ସମସ୍ତ ସନ୍ତାନ ବନୁ ନୌଫିଲ୍ଙ୍କ ମିତ୍ର ଥିଲେ । ହଜରତ ଆକିଲ, ହଜରତ ଆମିର, ହଜରତ ଅୟାଜ୍ ଓ ହଜରତ ଖାଲିଦ୍ ଏହି ଚାରି ଭାଇ ବକିରଙ୍କ ସନ୍ତାନ ଥିଲେ । ସେମାନେ ଏକତ୍ର ଦାରୁଲ୍ ଅରକମ୍‌ରେ ସର୍ବପ୍ରଥମେ ଇସଲାମ ସ୍ୱୀକାର କରିଥିଲେ । ହଜରତ ଆକିଲ, ହଜରତ ଆମିର, ହଜରତ ଅୟାଜ୍ ଓ ହଜରତ ଖାଲିଦ୍ ପ୍ରବାସ କରିବା ଉଦ୍ଦେଶ୍ୟରେ ମକ୍କାରୁ ମଦିନା ଅଭିମୁଖେ ଯାତ୍ରା କରିଥିଲେ, ସେତେବେଳେ ସେମାନେ ନିଜର ସମସ୍ତ ନିକଟ ସମ୍ପର୍କୀୟଙ୍କୁ ସାଥିରେ ନେଇଯାଇଥିଲେ । ଏପରି ମକ୍କାରେ ତାଙ୍କ ପରିବାର ଜଣେ ହେଲେ ସଦସ୍ୟ ରହିଯାଇ ନଥିଲେ । ଏପରିକି ତାଙ୍କ ଦ୍ୱାରରେ କୋଲପ ପଡ଼ି ଯାଇଥିଲା । ସେମାନେ ସମସ୍ତେ ମଦିନାରେ ହଜରତ ରାଫେ ବିନ୍ ଅବଦୁଲ୍ ମନଜରଙ୍କ ଘରେ ଶରଣ ନେଇଥିଲେ । ହଜୁର ସ.ଅ ହଜରତ ଆକିଲ ଓ ହଜରତ ମୁବଶିର ବିନ୍ ଅବଦୁଲ୍ ମନଜରଙ୍କ ମଧ୍ୟରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । **ସେ ଦୁହେଁ ବଦର ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ହଜରତ ଆକିଲ ବଦର ଯୁଦ୍ଧ ସମୟରେ ୩୪ ବର୍ଷ ବୟସରେ ଶହିଦ୍ ହୋଇଥିଲେ ।** ଆପଣଙ୍କୁ ମାଲିକ୍ ବିନ୍ ଜହିର ଜୋଶମି ହତ୍ୟା କରିଥିଲେ । ଇବନେ ଇସହାକ୍ କୁହନ୍ତି କି ଆମକୁ ହଜରତ ଅୟାସ ଓ ତାଙ୍କ ଭାଇ ହଜରତ ଆକିଲ, ହଜରତ ଆମିର ଓ ହଜରତ ଖାଲିଦ୍ଙ୍କ ବ୍ୟତୀତ ଅନ୍ୟ କୌଣସି ଚାରି ଭାଇ ଜଣା ନାହିଁ ଯେ ବଦର ଯୁଦ୍ଧରେ ଏକତ୍ର ସାମିଲ ହୋଇଥିଲେ ।

ହଜରତ ଜୈଦ ବିନ୍ ଅସଲମ ବର୍ଣ୍ଣନା କରନ୍ତି କି ଅବୁବକରଙ୍କ ପୁତ୍ରମାନେ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ଆମ ଭଗିନୀଙ୍କର ଅମକ ବ୍ୟକ୍ତି ସହ ବିବାହ କରି ଦିଅନ୍ତୁ । ହଜରତ ମହମ୍ମଦ ସ.ଅ ଉତର ଦେଲେ ତୁମ ମତରେ ଏଥିପାଇଁ ବିଲାଲ କିଭଳି ରହିବ ? ସେମାନେ ବିଲାଲଙ୍କୁ ଏଥିପାଇଁ ଉପଯୁକ୍ତ ପାତ୍ର ମଣିଲେ ନାହିଁ, ତେଣୁକରି ସେମାନେ ଫେରିଗଲେ । ପୁନଶ୍ଚ ସେମାନେ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ସମାନ ପ୍ରସ୍ତାବ ରଖିଲେ । ହଜୁର ସ.ଅ ମଧ୍ୟ ସେହି ସମାନ ଉତର ଦେଲେ କି ବିଲାଲ ସମ୍ବନ୍ଧରେ ତୁମର ମତ କ'ଣ ? ଏଥିରେ ସେମାନେ ଫେରିଗଲେ ଏବଂ ତୃତୀୟ ଥର ସେମାନେ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ ସେହି ପ୍ରସ୍ତାବ ରଖିଲେ । ହଜୁର ସ.ଅ କହିଲେ ବିଲାଲ ସମ୍ବନ୍ଧରେ ତୁମର ମତ କ'ଣ ? **ଅଧିକନ୍ତୁ ହଜୁର ସ.ଅ କହିଲେ ଏପରି ବ୍ୟକ୍ତି ସମ୍ବନ୍ଧରେ ତୁମ ରାଏ କ'ଣ ଯେ ବୈକୁଣ୍ଠାବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ? ଏଥିରେ ସେମାନେ ନିଜ ଭଉଣୀର ବିବାହ ହଜରତ ବିଲାଲ ର.ଅଙ୍କ ସହ କରିଦେଲେ।**

ପରବର୍ତ୍ତୀ ସାହାବି ହେଲେ ହଜରତ ଜୈଦ୍ ବିନ୍ ହାରସା ର.ଅ । ତାଙ୍କ ପିତାଙ୍କ ନାମ ହାରସା ବିନ୍ ଶରହିଲ ଥିବାର ବର୍ଣ୍ଣନା ମିଳୁଅଛି । ଆପଣ ବନୁ କଜାଆ ସମ୍ପ୍ରଦାୟଭୁକ୍ତ ଥିଲେ । ହଜରତ ଜୈଦଙ୍କୁ ପିଲାଦିନେ ତାଙ୍କ ମାତା ସାଥିରେ ନେଇ ନିଜ ବାପ ଘରୁକୁ ଯାଇଥିଲେ, ସେଠାରେ ବନୁ କୈନର ଯାତ୍ରୀ ଅତିକ୍ରମ କରୁଥିଲେ । ଯାତ୍ରା ସମୟରେ ସେମାନେ ହଜରତ ଜୈଦଙ୍କୁ ଉଠାଇ ନେଇ କ୍ରିତଦାସ କରିନେଲେ ଏବଂ ଅୱକାୟର ବଜାରରେ ହକିମ୍ ବିନ୍ ହଯାମଙ୍କୁ ୪୦୦ ଦିରହମ୍‌ରେ ବିକ୍ରି କରି ଦେଇଥିଲେ । ହକିମ୍ ବିନ୍ ହଯାମ ନିଜ ଫୁଫି ହଜରତ ଖଦିଜାଃ ବିନତ୍ ଖୌଲଦ୍ଙ୍କ ସେବାରେ ହଜରତ ଜୈଦଙ୍କୁ ପ୍ରଦାନ କରିଥିଲେ ଏବଂ ପରବର୍ତ୍ତୀ ସମୟରେ ହଜରତ ଖଦିଜାଃ ନିଜର ସମସ୍ତ କ୍ରିତଦାସଙ୍କୁ ହଜୁର ସ.ଅଙ୍କ ଅଧିନ କରିଦେଇଥିଲେ । ହଜରତ ଜୈଦଙ୍କ ନିଖୋଜ ହେବା ଫଳରେ ଆପଣଙ୍କ ପିତା ହାରସା ଅତ୍ୟନ୍ତ ମ୍ରିୟମାଣ ଓ ହତାସ ହୋଇପଡ଼ିଲେ । କିଛି ସମୟ ପରେ ବନୁ କଲବର କିଛି ଲୋକ ହଜ କରିବା ପାଇଁ ମକ୍କା ଆସିଥିଲେ, ସେଠାରେ ସେମାନେ ହଜରତ ଜୈଦଙ୍କୁ ଦେଖି ଚିହ୍ନି ନେଇଥିଲେ । ହଜରତ ଜୈଦ ତାଙ୍କୁ କହିଲେ ମୋ ପରିବାରବର୍ଗଙ୍କୁ ମୋ ସମ୍ବନ୍ଧରେ କହିବ କି ମୁଁ ଖାନା କାବା ନିକଟରେ ଥିବା ବନୁ ମାଅଦର ଏକ ମର୍ଯ୍ୟାଦା ସମ୍ପର୍ଣ୍ଣ ପରିବାରରେ ରହୁଛି ତେଣୁ ସେମାନେ ମୋତେ ନେଇ ଆଦୌ ଚିନ୍ତା କରିବେ ନାହିଁ । ବନୁ କଲବର ଲୋକମାନେ ତାଙ୍କ ପିତାଙ୍କୁ ଏହି ସୂଚନା ଦେବାରୁ ସେ କହିଲେ ! କାବାର ପ୍ରଭୁଙ୍କ ରାଣ କ'ଣ ସେ ମୋ ପୁତ୍ର ହିଁ ଥିଲା । ଲୋକମାନେ ତାଙ୍କ ରୂପରଙ୍ଗ ବ୍ୟାଖ୍ୟା କରିବାରୁ ଆପଣଙ୍କ ପିତା ହାରସା ଓ ଚଚା କାଆବ ମକ୍କା ଅଭିମୁଖେ ବାହାରିଗଲେ । ମକ୍କାରେ ହଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଫିଦୟା ବଦଳରେ ନିଜ ପୁତ୍ର ଜୈଦକୁ ସ୍ୱାଧୀନ କରିବାର ନିବେଦନ କଲେ । ହଜୁର ସ.ଅ ଜୈଦଙ୍କୁ ଡ଼ାକି ତାଙ୍କ ରାଏ ପଚାରିବାରୁ ସେ ନିଜ ପିତା ଓ ଚଚାଙ୍କ ସହ ଯିବାକୁ ମନା କରିଦେଲେ । ଏହି ଘଟଣାର ବିସ୍ତାର ବିବରଣୀ ହଜରତ ମୁସଲେହ ମଉଦ ର.ଅ ଏଭଳି ବର୍ଣ୍ଣନା କରିଛନ୍ତି କି ହଜରତ ମହମ୍ମଦ ସ.ଅ ଯେତେବେଳେ ଘୋଷଣା କଲେ କି ମୁଁ ଆଜି ସମସ୍ତ ଦାସଙ୍କୁ ସ୍ୱାଧୀନ କରୁଅଛି । ସେତେବେଳେ ପାଖାପାଖି ସମସ୍ତେ ତ ଚାଲି ଯାଇଥିଲେ କିନ୍ତୁ କେବଳ ଜୈଦ ବିନ୍ ହାରସା ଯେ ପରବର୍ତ୍ତୀ ସମୟରେ ଆପଣଙ୍କ ପୁତ୍ର ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲେ, ଆପଣଙ୍କ ନିକଟକୁ ଆସି କହିଲେ ଆପଣ ତ ମୋତେ ସ୍ୱାଧୀନ କରିଦେଇଛନ୍ତି କିନ୍ତୁ ମୁଁ ସ୍ୱାଧୀନ ହେବାକୁ ଚାହୁଁ ନାହିଁ ବରଂ ମୁଁ ଆପଣଙ୍କ ସାଥିରେ ରହିବାକୁ ଚାହେଁ । କିନ୍ତୁ ହଜୁର ସ.ଅ ତାଙ୍କୁ ବାରମ୍ବାର ବୁଝାଇଲେ କି ନିଜ ଦେଶକୁ ଯାଅ ଓ ନିଜ ପରିବାରବର୍ଗଙ୍କ ସହ ସାକ୍ଷାତ କର । ବର୍ତମାନ ତୁମେ ସ୍ୱାଧୀନ କିନ୍ତୁ ସେ କହିବାକୁ ଲାଗିଲେ କି ଯେଉଁ ସ୍ନେହ, ପ୍ରେମ ଓ ନିଷ୍ଠାପରତା ଆପଣଙ୍କ ମଧ୍ୟରେ ପରିଲକ୍ଷିତ କରିଛି ତାହା ଆପଣଙ୍କୁ ମୋର ଅତି ପ୍ରିୟ କରିଦେଇଛି । ଜୈଦ ଏକ ସମ୍ଭ୍ରାନ୍ତ ପରିବାରର ଥିଲେ କିନ୍ତୁ କମ୍ ବୟସରେ ତାଙ୍କୁ ଡ଼ାକୁମାନେ ଉଠାଇ ଆଣି ବିକ୍ରି କରି ଦେଇଥିଲେ । ଏପରି ସେ ବୁଲିବୁଲି ହଜରତ ଖଦିଜାଃଙ୍କ ନିକଟକୁ ଆସିଥିଲେ । ଆପଣଙ୍କ ପିତା ଓ ଚଚା ଆପଣଙ୍କ ଅନ୍ୱେଷଣରେ ବାହାରିଲେ ଏବଂ ଖୋଜିଖୋଜି ହଜୁର ସ.ଅଙ୍କ ନିକଟରେ ପହଂଚିଲେ ଏବଂ କହିଲେ ଆମେ ଆପଣଙ୍କ ସଜନତା ଓ ବଦାନ୍ୟତା ସମ୍ବନ୍ଧରେ ଶୁଣି ହାଜର ହୋଇଛୁ ଆପଣଙ୍କ ନିକଟରେ ଆମ ପୁତ୍ର ଦାସ ହୋଇ ରହିଛି । ତାହାର ମୂଲ୍ୟ ଯାହା ଆପଣ ନିର୍ଣ୍ଣୟ କରନ୍ତି, ସ୍ୱୀକାର କରି ସ୍ୱାଧୀନ କରିଦିଅନ୍ତୁ । ହଜୁର ସ.ଅ ଉତର ଦେଲେ ଆପଣଙ୍କ ପୁତ୍ର ମୋର ଦାସ ନୁହେଁ । ମୁଁ ତାହାକୁ ସ୍ୱାଧୀନ କରିଦେଇଛି, ତା'ପରେ ହଜୁର ଜୈଦଙ୍କୁ ଡ଼କାଇଲେ ଏବଂ କହିଲେ ତୁମ ପିତା ଓ ଚଚା ତୁମକୁ ନେବା ପାଇଁ ଆସିଛନ୍ତି । ମୁଁ ତୁମକୁ ସ୍ୱାଧୀନ କରିସାରିଛି ତୁମେ ମୋର ଦାସ ହୋଇ ରହି ନାହଁ । ସୁତରାଂ ତୁମେ ତାଙ୍କ ସହିତ ଯାଇପାର । ହଜରତ ଜୈଦ ଉତର ଦେଲେ ଆପଣ ତ ମୋତେ ସ୍ୱାଧୀନ କରିଦେଇଛନ୍ତି କିନ୍ତୁ ମୁଁ ସ୍ୱାଧୀନ ହେବାକୁ ଚାହେଁ ନାହିଁ । ମୁଁ ନିଜକୁ ଆପଣଙ୍କ ଦାସ ମନେକରୁଅଛି । ହଜୁର ପୁନଶ୍ଚ କହିଲେ ତୁମ ମାତା (ତୁମ ବିରହରେ) ବହୁତ କଷ୍ଟ ଭୋଗ କଲେଣି ଏବଂ ତୁମ ପିତା ଓ ଚଚା କେତେ ଦୂରରୁ ଓ କିଭଳି କଷ୍ଟ ସହ୍ୟ କରି ତୁମକୁ ନେବାକୁ ଆସିଛନ୍ତି, ତୁମେ ତାଙ୍କ ସାଥିରେ ଚାଲିଯାଅ । ଜୈଦଙ୍କୁ ତାଙ୍କ ପିତା ଓ ଚଚା ମଧ୍ୟ ବହୁତ ବୁଝାଇଲେ କିନ୍ତୁ ହଜରତ ଜୈଦ ସେମାନଙ୍କ ସହ ଯିବାକୁ ମନା କରିଦେଲେ ଏବଂ କହିଲେ ନିଃସନ୍ଦେହ ଆପଣ ମୋର ପିତା ଓ ଚଚା ଏବଂ ଆପଣ ମୋତେ ବହୁତ ଭଲ ପାଉଛନ୍ତି କିନ୍ତୁ ଯେଉଁ ସମ୍ପର୍କ ମୋର ହଜୁର ସ.ଅଙ୍କ ସହ ସ୍ଥାପନ ହୋଇଯାଇଛି ତାହାକୁ ବର୍ତମାନ ଭାଙ୍ଗ କରିବ ଅସମ୍ଭବ । ତାଙ୍କଠାରୁ ଅଲଗା ହୋଇ ମୁଁ ଜୀବିତ ରହି ପାରିବି ନାହିଁ । ଜୈଦଙ୍କର ଏପରି ମତ ପ୍ରକାଶ କରିବା ଅନ୍ତେ ହଜୁର ସ.ଅ ଖାନା କାବା ଆସି ଘୋଷଣା କଲେ କି ଜୈଦ ମୋତେ ଭଲପାଇବାର ବୃହତ ପ୍ରମାଣ ଦେଇଛନ୍ତି, ତେଣୁ ମୁଁ ଆଜି ତାଙ୍କୁ ନିଜର ପୁତ୍ର ଘୋଷିତ

---

**ହଦିସ୍ ନବୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ପୃଥିବୀକୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ଅବଗତ କରାଇବାକୁ ହେବ ଓ ଏଥିପାଇଁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ହେଉଛି ଅତ୍ୟନ୍ତ ଆବଶ୍ୟକ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୩ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family,*
*Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family,*
*Jamat Ahmadiyya, Kerang (Odisha)*

---

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah,*
*Jamat Ahmadiyya, Pankal (Odisha)*

କରୁଅଛି । ଏଥିରେ ଜୈଦଙ୍କ ପିତା ଓ ଚଚା ଆନନ୍ଦ ମୁଖର ହୋଇ ଫେରିଗଲେ କାରଣ ସେ ଦେଖି ନେଇଥିଲେ କି ଜୈଦ ଅତ୍ୟନ୍ତ ଆନନ୍ଦମୟ ଓ ଶୁଖର ଜୀବନ ଅତିବାହିତ କରୁଅଛି । **ବସ୍ତୁତଃ ହଜରତ ମହମ୍ମଦ ସ.ଅଙ୍କ ଉତମ ଚରିତ୍ରର ଏହା ପ୍ରମାଣ ଥିଲା କି ଯେତେବେଳେ ଜୈଦ ବିଶ୍ୱସ୍ତତାର ପ୍ରଦର୍ଶନ କଲେ ସେତେବେଳେ ଆପଣ ମଧ୍ୟ ଅସାଧାରଣ ଦୟା ପ୍ରଦର୍ଶନ କରିବାର ପ୍ରମାଣ ଦେଲେ ।**

ଏହି ଘଟଣା ସମ୍ବନ୍ଧରେ ସିରତ ଖାତମୁନ୍ ନବିୟୀନ୍‌ରେ ଅଧିକ ଚର୍ଚ୍ଚା ଏପରି ଦରଜ ରହିଛି କି ହଜରତ ମହମ୍ମଦ ସ.ଅ କହିଲେ- ଜୈଦ ମୋର ଉତରାଧିକାରୀ ଏବଂ ମୁଁ ତାର ଉତରାଧିକାରୀ । ସେହି ଦିନଠାରୁ ଜୈଦ୍, ଜୈଦ ବିନ୍ ମହମ୍ମଦ ବୋଲାଇଲେ । କିନ୍ତୁ ପ୍ରବାସ ଅନ୍ତେ ଯେତେବେଳେ ଅଲ୍ଲାଃତାଲାଙ୍କ ନିକଟରୁ ଆଦେଶ ଅବତୀର୍ଣ୍ଣ ହେଲା କି ପାଳିତ ପୁତ୍ର (ପ୍ରଥା) ଅବୈଦ୍ଧ ଅଟେ । ସେତେବେଳେ ହଜରତ ଜୈଦଙ୍କୁ ପୁନଶ୍ଚ ଜୈଦ ବିନ୍ ହାରସା କୁହାଗଲା । କିନ୍ତୁ ହଜୁର ସ.ଅଙ୍କ ଆଚରଣ ଓ ପ୍ରେମ ଉକ୍ତ ବିଶ୍ୱସ୍ତ ଦାସ ସହ ସେହିପରି ଅପରିବର୍ତୀତ ରହିଥିଲା ଯେମିତିକି ପ୍ରଥମ ଦିନ ଥିଲା ବରଂ ଦିନକୁ ଦିନ ବଢିଚାଲିଥିଲା । ହଜରତ ଜୈଦଙ୍କ ଦେହାନ୍ତ ପରେ ତାଙ୍କ ପୁତ୍ର ହଜରତ ଉସାମା ବିନ୍ ଜୈଦ୍ ଯେ କି ହଜୁର ସ.ଅଙ୍କ ଦାସି ଉମ୍ମେ ଅମିନ୍‌ଙ୍କ ଔରଷରୁ ଥିଲେ ହଜୁରଙ୍କ ଠାରୁ ସେହିପରି ସ୍ନେହ ଓ ଆଦର ପାଇଥିଲେ । **ହଜରତ ଜୈଦଙ୍କର ଗୋଟିଏ ବିଶେଷତ୍ୱ ଏହା ଥିଲା କି ସମସ୍ତ ସାହାବାଙ୍କ ମଧ୍ୟରେ କେବଳ ତାଙ୍କ ନାମ ପବିତ୍ର କୁରଆନରେ ଆନିତ** । ହଜରତ ଜବଲା ଯେ କି ହଜରତ ଜୈଦଙ୍କ ଭାଇ ଥିଲେ ଏକଦା ତାଙ୍କୁ ପ୍ରଶ୍ନ କରାଗଲା କି ଆପଣଙ୍କ ମଧ୍ୟରେ କିଏ ବଡ଼ ? ସେ ଉତର ଦେଲେ ଜୈଦ ମୋ ଠାରୁ ବଡ଼ କିନ୍ତୁ ମୁଁ କେବଳ ତାଙ୍କ ପୂର୍ବରୁ ଜନ୍ମ ଗ୍ରହଣ କରିଛି । **ଏପରି କହିବାରେ ତାଙ୍କର ତାତ୍ପର୍ଯ୍ୟ ଏହା ଥିଲା କି ଜୈଦ ଇସଲାମ ସ୍ୱୀକାର କରିବାରେ ମୋ ଠାରୁ ବାଜି ମାରିନେବା ଯୋଗୁଁ ସେ ମୋ ଠାରୁ ଶ୍ରେୟସ୍କର** । ହଜରତ ବରା ବର୍ଣ୍ଣନା କରନ୍ତି ହଜୁର ସ.ଅ ହଜରତ ଜୈଦଙ୍କୁ କହିଲେ **ଅନ୍‌ତା ଅଖୁନା ୱ ମୌଲାନା** ଅର୍ଥାତ ତୁମେ ମୋର ଭାଇ ଓ ବନ୍ଧୁ ଅଟ ।

ହଜରତ ମୁସଲେହ ମଉଦ ର.ଅ ବର୍ଣ୍ଣନା କରନ୍ତି- ଚାରି ଜଣ ବ୍ୟକ୍ତି ଯେ ହଜୁର ସ.ଅଙ୍କର ବେଶ୍ ନିକଟବର୍ତୀ ଥିଲେ ସେମାନେ ହେଲେ ହଜରତ ଖଦିଜାଃ ଆପଣଙ୍କ ପତ୍ନୀ, ହଜରତ ଅଲୀ ଆପଣଙ୍କ ଚଚା ପୁଅ ଭାଇ, ହଜରତ ଜୈଦ ହଜୁର ସ.ଅଙ୍କ ଦାସ ଓ ହଜରତ ଅବୁବକର ଆପଣଙ୍କ ବନ୍ଧୁ ଏବଂ **ସେତେବେଳେ ସେମାନେ ଆପଣଙ୍କ ଉପରେ ବିଶ୍ୱାସ ଆଣିବାର ଦଲିଲ ଏହା ଥିଲା କି ଆପଣ କଦାପି ମିଥ୍ୟା କହିପାରିବେ ନାହିଁ ।**

ତାଇଫ ଯାତ୍ରା ସମୟରେ ମଧ୍ୟ ହଜରତ ଜୈଦ ହଜୁର ସ.ଅଙ୍କ ସାଥିରେ ଥିଲେ । ସେଠାରେ ସକିଫ୍ କବିଲାର ଲୋକେ ବାସ କରୁଥିଲେ । ହଜରତ ଅବୁତାଲିବଙ୍କ ଦେହାନ୍ତ ପରେ କୁରେଶ ହଜୁର ସ.ଅଙ୍କ ଉପରେ ପୁନର୍ବାର ଅତ୍ୟାଚାର କରିବା ଆରମ୍ଭ କରିଦେଲେ ସେତେବେଳେ ହଜୁର ସ.ଅ ହଜରତ ଜୈଦଙ୍କୁ ସାଥିରେ ନେଇ ତାଇଫ ଅଭିମୁଖେ ଯାତ୍ରା କରିଥିଲେ । ଉକ୍ତ ଘଟଣା ୧୦ନବୀର ଶୱାଲ ମାସରେ ଘଟିଥିଲା । ହଜୁର ସ.ଅ ସେଠାରେ ୧୦ଦିନ ଅବସ୍ଥାନ କରିଥିଲେ ଏବଂ ଏହି ଅବଦ୍ଧିରେ ଆପଣ ସେଠାରେ ରହୁଥିବା ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ନିକଟକୁ ଯାଇଥିଲେ କିନ୍ତୁ କେହି ଜଣେ ହେଲେ ମଧ୍ୟ ଆପଣଙ୍କ ନିମନ୍ତ୍ରଣ ସ୍ୱୀକାର କରିନଥିଲେ, ଯେତେବେଳେ ସେମାନେ ଅନୁଭବ କଲେ କି ତାଙ୍କର ଯୁବଗୋଷ୍ଠୀ ହଜୁର ସ.ଅଙ୍କ (ପ୍ରଚାରର) ସ୍ୱୀକାର ହୋଇଯିବେ ସେତେବେଳେ ସେମାନେ କହିଲେ ହେ ମହମ୍ମଦ! ଆମ ସହରରୁ ବାହାରିଯାଅ ଏବଂ ସେହିସ୍ଥଳେ ଯାଇ ରୁହ ଯାହାର ବାସିନ୍ଦା ଆପଣଙ୍କୁ ସ୍ୱୀକାର କରୁଛନ୍ତି । ତା'ପରେ ସେମାନେ ଏଣେତେଣେ ବୁଲୁଥିବା ଲୋକମାନଙ୍କୁ ଆପଣଙ୍କ ବିରୁଦ୍ଧରେ ପ୍ରବତାଇ ଉତଜିତ କରିଦେଲେ, ଯେ ଆପଣଙ୍କୁ ପଥର ମାରିବା ଆରମ୍ଭ କରିଦେଲେ । ଏପରିକି ଆପଣଙ୍କ ଦୁଇ ପବିତ୍ର ପାଦରୁ ରକ୍ତସ୍ରାବ ହେବା ଆରମ୍ଭ ହେଲା । ହଜରତ ଜୈଦ ହଜୁର ସ.ଅଙ୍କ ଉପରକୁ ଫିଙ୍ଗା ଯାଉଥିବା ପଥରକୁ ନିଜ ଉପରକୁ ନେବାକୁ ଚେଷ୍ଟା କରୁଥିଲେ ଯଦ୍ୱାରା ତାଙ୍କ ମସ୍ତକରେ ମଧ୍ୟ ଅନେକ ଆଘାତ ଲାଗିଥିଲା । ହଜୁର ଅନଓ୍ୱର ଅ.ବ କହିଲେ ଏହି ଚର୍ଚ୍ଚା ଆସନ୍ତା ଜୁମାରେ ମଧ୍ୟ ଜାରି ରହିବ । **ଇନ୍‌ଶା ଅଲ୍ଲାଃ**

⌘⌘⌘⌘⌘⌘⌘⌘⌘⌘⌘

## ୩ ମଇ ୨୦୧୯ ଖୁତ୍‌ବା ଜୁମାର ସାରାଂଶ

ତଶହୁଦ୍, ତଉଜ ଓ ସୁରେ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ- ଆଜି ଯେଉଁ ବଦରୀ ସାହାବିଙ୍କ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରେ ପ୍ରଥମ ହଜରତ ଅବିଦ୍ ବିନ୍ ଅବୁ ଅବିଦ ଅନସାରୀ ଅଟନ୍ତି । ହଜରତ ଅବିଦ୍ ହଜୁର ସ.ଅଙ୍କ ସାଥିରେ ବଦର, ଓ୍ୱହଦ ଓ ଖନ୍ଦକ ଯୁଦ୍ଧରେ ସାମିଲ ଥିଲେ ।

ଦ୍ୱିତୀୟ ସହାବି ହଜରତ ଅବଦୁଲ୍ଲାଃ ବିନ୍ ନୁମାନ ବିନ୍ ବଲଦମା ଅଟନ୍ତି । ହଜରତ ଅବଦୁଲ୍ଲାଃଙ୍କ ଦଦାଙ୍କ ନାମ ବଲଦମା କିମ୍ବା ବଲଜମା ଥିବାର ବର୍ଣ୍ଣନା ମିଳୁଛି । ହଜରତ ଅବଦୁଲ୍ଲାଃ ବିନ୍ ନୁମାନଙ୍କ ସମ୍ପର୍କ ଅନସାର ସହ ଥିଲା । ଆପଣ ହଜରତ ଅବୁ କତାଦାଃଙ୍କ ଚଚା ପୁଅ ଭାଇ ଥିଲେ । ଆପଣ ବଦର ଓ ଓ୍ୱହଦ ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ପୁଣି ଯେଉଁ ସାହାବାଙ୍କ ଚର୍ଚ୍ଚା କରିବି ତାଙ୍କ ନାମ ହଜରତ ଅବଦୁଲ୍ଲାଃ ବିନ୍ ଉମେର ଅଟେ । ହଜରତ ଅବଦୁଲ୍ଲାଃ ବିନ୍ ଉମେରଙ୍କ ସମ୍ପର୍କ କବିଲା ବନୁ ଜଦାରା ସହ ଥିଲା । ଆପଣ ବଦର ଯୁଦ୍ଧରେ ସାମିଲ ଥିଲେ ।

ପରବର୍ତୀ ସାହାବିଙ୍କ ନାମ ହଜରତ ଉମରୋ ବିନ୍ ହାରିସ୍ ଅଟେ । ତାଙ୍କର ସମ୍ପର୍କ କବିଲା ବନୁ ହାରିସ୍ ସହ ଥିଲା । ଆପଣ ପ୍ରାରମ୍ଭିକ ପର୍ଯ୍ୟାୟରେ ଅର୍ଥାତ ମକ୍କାରେ ହିଁ ଇସଲାମରେ ଦୀକ୍ଷିତ ହୋଇଥିଲେ । ଆପଣ ହବଶା ପ୍ରତି ଦ୍ୱିତୀୟ ପ୍ରବାସରେ ମଧ୍ୟ ସାମିଲ ଥିଲେ । ଆପଣ ବଦର ଯୁଦ୍ଧରେ ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ ।

ପରବର୍ତୀ ସାହାବି ହେଲେ ହଜରତ ଅବଦୁଲ୍ଲାଃ ବିନ୍ କାବ୍ । ହଜରତ ଅବଦୁଲ୍ଲାଃ ବିନ୍ କାବ୍ ବଦର ଯୁଦ୍ଧରେ ସାମିଲ ଥିଲେ । ଆପଣଙ୍କୁ ବଦର ଯୁଦ୍ଧରେ ପ୍ରାପ୍ତ ହୋଇଥିବା ମାଲେ ଗନିମତ୍‌ର ତତ୍ୱାବଧାରକ କରାଯାଇଥିଲା । ଏତତ୍ ବ୍ୟତୀତ ଅନ୍ୟ ଏକ ଅବସରରେ ହଜୁର ସ.ଅ ମଧ୍ୟ ଆପଣଙ୍କୁ ନିଜ ସମ୍ପତିର ୧/୫ ଅଂଶର ତତ୍ୱାବଧାରକ ମୁତୟନ କରିଥିଲେ । ଆପଣ ଓ୍ୱହଦ, ଖନ୍ଦକ ଓ ଅନ୍ୟ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ଆପଣଙ୍କ ଦେହାନ୍ତ ମଦିନାରେ ହଜରତ ଉସମାନ ର.ଅଙ୍କ ଖିଲାଫତ୍‌ର ସମୟ କାଳରେ ୩୩ହିଜରୀରେ ହୋଇଥିଲା । ଆପଣଙ୍କ ନମାଜ ଜନାଯାଃ ହଜରତ ଉସମାନ ର.ଅ ପଢାଇ ଥିଲେ । ଆପଣଙ୍କ ଗୋତ୍ର ଅବୁ ହାରିସ୍ ବ୍ୟତୀତ ଅବୁ ୟହୟା ମଧ୍ୟ ବର୍ଣ୍ଣନା କରାଯାଏ ।

ପରବର୍ତୀ ସାହାବି ହେଲେ ହଜରତ ଅବଦୁଲ୍ଲାଃ ବିନ୍ କୈସ । ଆପଣ ବନୁ ନଜ୍ଜାର ସମ୍ପ୍ରଦାୟଭୁକ୍ତ ଥିଲେ । ହଜରତ ଅବଦୁଲ୍ଲାଃ ବିନ୍ କୈସ ବରଦ ଓ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ଥିଲେ । ଗୋଟିଏ କଥନ ମୁତାବିକ ଆପଣ ଓ୍ୱହଦ ଯୁଦ୍ଧରେ ବିରଗତି ପ୍ରାପ୍ତ କରିଥିଲେ, ଯେତେବେଳେ କି ଅନ୍ୟ କଥନ ଅନୁଯାୟୀ ଆପଣ ଓ୍ୱହଦ ଯୁଦ୍ଧରେ ବିରଗତି ପ୍ରାପ୍ତ କରିନଥିଲେ ବରଂ ହଜୁର ସ.ଅଙ୍କ ସାଥିରେ ସମସ୍ତ ଯୁଦ୍ଧରେ ସାମିଲ ଥିଲେ । ଆପଣ ହଜରତ ଉସମାନ ର.ଅଙ୍କ ଖିଲାଫତ୍ ସମୟ କାଳରେ ମୃତ୍ୟୁବରଣ କରିଥିଲେ । ହଜୁର ଅନଓ୍ୱର ଅ.ବ କୁହନ୍ତି- ଇତିହାସ ପୃଷ୍ଠାର କେତେକ ସ୍ଥାନରେ ଭିନ୍ନ ମତ ଦେଖିବାକୁ ମିଳିଥାଏ, ଅତଏବ ତାହା ମଧ୍ୟ ମୁଁ ଆଲୋଚନା କରିଦେଉଛି ।

ପରବର୍ତୀ ସାହାବିଙ୍କ ନାମ ହେଲା ହଜରତ ସଲମା ବିନ୍ ଅସ୍‌ଲମ୍ । ସେ ବଦର, ଓ୍ୱହଦ ଓ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ହଜୁର ସ.ଅଙ୍କ ସାଥିରେ ସାମିଲ ଥିଲେ । ଆପଣ ବଦର ଯୁଦ୍ଧରେ ସାଏବ ବିନ୍ ଅବିଦ୍ ଓ ନୁମାନ ବିନ୍ ଉମରୋଙ୍କୁ କଏଦ କରିଥିଲେ । ହଜରତ ସଲମା ବିନ୍ ଅସଲମ୍ ହଜରତ ଉମର ର.ଅଙ୍କ ଖିଲାଫତ୍ ସମୟ କାଳରେ ଜସର ଯୁଦ୍ଧରେ ଶହିଦ୍ ହୋଇଥିଲେ । ଯାହାକି ଫରାତ୍ ନଦୀ ଉପକୂଳରେ ଲଢା ଯାଇଥିଲା । ଦେହାନ୍ତ ସମୟରେ ଆପଣଙ୍କ ବୟସ ୩୮ ବର୍ଷ ଥିବାର ଉଲ୍ଲେଖ ରହିଛି । ଅଲାମା ନୁରୁଦ୍ଦିନ ହଲବିଙ୍କ ସୁପ୍ରସିଦ୍ଧ ପୁସ୍ତକ ସିରତୁଲ୍ ହଲବିୟାରେ ବଦର ଯୁଦ୍ଧ ଅବସରରେ ହଜରତ ମହମ୍ମଦ ସ.ଅଙ୍କ ଚମ୍‌କାରର ଚର୍ଚ୍ଚା ଏପରି ବର୍ଣ୍ଣିତ ରହିଛି କି ବଦର ଯୁଦ୍ଧରେ ହଜରତ ସଲମା ବିନ୍ ଅସ୍‌ଲମ୍‌ଙ୍କର ଖଣ୍ଡା ଭାଙ୍ଗି ଯିବାରୁ ହଜୁର ସ.ଅ ଆପଣଙ୍କୁ ଏକ ଖଜୁରି ବେତ ଦେଇ କହିଲେ ଏହା ସହିତ ଲଢ । ହଜରତ ସଲମା ବିନ୍ ଅସଲମ୍ ଉକ୍ତ ବେତକୁ ଧରିବା ମାତ୍ରେ ତାହା ଏକ ସର୍ବୋତ୍କୃଷ୍ଟ ଖଣ୍ଡାରେ ପରିଣତ ହୋଇଯାଇଥିଲା ଏବଂ ତାହା ଚିରକାଳ ତାଙ୍କ ପାଖରେ ରହିଥିଲା ।

ଅମାନ୍ୟକାରୀ ମକ୍କାବସୀ ହଜୁର ସ.ଅଙ୍କୁ ହତ୍ୟା କରିବାର ଏକ ସଡ଼ଯନ୍ତ୍ର କରିଥିଲେ । ଏଥିସମ୍ବନ୍ଧରେ ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି ଏହ୍‌ଜାବ୍ ଯୁଦ୍ଧରେ ମକ୍କାବାସୀ ଯେଉଁ ଅପମାନଜନକ ପରାଜୟ ବରଣ କରିଥିଲେ, ତାହା ସେମାନଙ୍କ ତନ ଓ ମନରେ ପ୍ରତିଶୋଧର ଅଗ୍ନି ପ୍ରଜ୍ୱଳିତ କରୁଥିଲା ଏବଂ ସ୍ୱଭାବିକ ରୂପେ ଏହି ପ୍ରତିଶୋଧର ଅଗ୍ନି ଅବୁ ସୁଫୟାନ୍ ଭାଗରେ ଆସିଥିଲା, ଯେ ମକ୍କାବାସୀଙ୍କ ପ୍ରଧାନ ଥିଲା । ଏହଜାବ୍ ଯୁଦ୍ଧରେ ବିଶେଷ କରି ତାହାର ମର୍ଯ୍ୟାଦା ହାନି ହୋଇଥିଲା । କିଛି ଅବଦ୍ଧି ପର୍ଯ୍ୟନ୍ତ ସେ ଭିତରେ ଭିତରେ ଜଳୁଥିଲା କିନ୍ତୁ ଶେଷରେ ତାହା ଅଭ୍ୟନ୍ତରର ଅଗ୍ନି ଶିଖା ଅସମ୍ଭାଳ ହୋଇ ପ୍ରସ୍ଫୁଟିତ ହେବା ଆରମ୍ଭ ହେଲା । ଏକଦା ସୁଯୋଗ ପାଇ ଅବୁ ସୁଫୟାନ୍ ନିଜ (ମନ୍ଦ)ଉଦ୍ଦେଶ୍ୟର କିଛି କୁରେଶ୍ ଯୁବକଙ୍କୁ କହିଲା କ'ଣ ତୁମମାନଙ୍କ ମଧ୍ୟରେ କେହି ବୀର ପୁରୁଷ ନାହିଁ ଯେ ମଦିନା ଯାଇ ଗୁପ୍ତ ଭାବରେ ହଜରତ ମହମ୍ମଦ ସ.ଅଙ୍କ କାମ ତମାମ (ହତ୍ୟା) କରିପାରିବ ? ତୁମେମାନେ ଜାଣ ମହମ୍ମଦ ମଦିନାର ଗଳିକନ୍ଦିରେ ମୁକ୍ତ ଭବାରେ ଚାଲବୁଲ କରନ୍ତି । ଉକ୍ତ ଯୁବକମାନେ ତାହା ଶୁଣିବା ମାତ୍ରେ ସେଠାରୁ ଉଠି ଚାଲିଗଲେ । ଉକ୍ତ ଘଟଣାକୁ ଅଳ୍ପ କିଛି ଦିନ ଅତିବାହିତ ହୋଇଥିବ କି ଜଣେ ଗାଁଉଲି ଯୁବକ ଅବୁ ସୁଫୟାନ୍ ନିକଟକୁ ଆସିଲା ଓ କହିଲା ମୁଁ ଆପଣଙ୍କ ଯୋଜନା ସମ୍ବନ୍ଧରେ ଶୁଣିବାକୁ ପାଇଲି । ତେବେ ମୁଁ ଏଥିପାଇଁ ପ୍ରସ୍ତୁତ ଅଛି, ମୁଁ ଜଣେ ଦୃଢ ହୃଦୟୀ ଓ ବଳବାନ୍ ଯୁବକ ଯାହାର (ଭୁଜାର)ଆୟତ ଅତ୍ୟନ୍ତ ମଜବୁତ୍ ଓ ଆକ୍ରମଣ ତୀବ୍ରତର ଅଟେ । ଯଦି ଆପଣ ମୋତେ ଏହି କାର୍ଯ୍ୟ ନିମନ୍ତେ ଚୟନ କରି ମୋର ସାହାଯ୍ୟ କରନ୍ତି ତେବେ ମୁଁ ହଜରତ ମହମ୍ମଦ ସ.ଅଙ୍କୁ ହତ୍ୟା କରିବା ନିମନ୍ତେ ପ୍ରସ୍ତୁତ ଏବଂ ମୁଁ ମଦିନା ଯିବାର ମାର୍ଗ ସମ୍ବନ୍ଧରେ ମଧ୍ୟ ବେଶ୍ ପ୍ରବିଣ । ଏଥିରେ ଅବୁ ସୁଫୟାନ ଅତ୍ୟନ୍ତ ପ୍ରସନ୍ନିତ ହେଲା ଏବଂ କହିଲା ବାସ୍ ବାସ୍ ତୁମେ ମୋ ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ଉପଯୁକ୍ତ ପ୍ରାର୍ଥି, ତା'ପରେ ସେ ତାକୁ ଏକ ତୀବ୍ର ବେଗରେ ଦୌଡୁଥିବା ଓଟ ଓ ବାଟ ପାଇଁ ଆବଶ୍ୟକ କିଛି ସାମଗ୍ରୀ ପ୍ରଦାନ କରିବା ସହ ତାଗିଦ୍ କରି କହିଲା କି ଏହି ଗୁପ୍ତ ଯୋଜନା ସମ୍ବନ୍ଧରେ କାହା ନିକଟରେ ପ୍ରକାଶ କରିବ ନାହିଁ ।

ମକ୍କାରୁ ବିଦାୟ ନେବା (ପ୍ରସ୍ଥାନ କରିବା)ପରେ ଉକ୍ତ ବ୍ୟକ୍ତି ଜଣକ ଦିନବେଳା ଲୁଚି ରହୁଥିବା ବେଳେ ରାତିରେ ଯାତ୍ରା ଅବ୍ୟାହତ ରଖି ମଦିନା ଆଡ଼କୁ ବଢିଚାଲିଲା ଏବଂ ଷଷ୍ଠ ଦିନରେ ଯାଇ ମଦିନାରେ

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...



*ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......*

ନମାଜ୍ ଏବଂ ମଗ୍‌ରିବ୍ ନାମଜ୍ ଓ ଇଶା ନମାଜ୍‌କୁ ଏକାଠି କରିପାରିବ । ଭାଷଣ ଶୁଣିବା ପୂର୍ବରୁ ବା ପରେ ସମୟକୁ ଆଖି ଆଗରେ ରଖି ନାମଜ୍ ଯମା କରାଯାଇପାରେ କିନ୍ତୁ ଫଜର୍ ନାମଜ୍‌ର ଗୋଟିଏ ଧାର୍ଯ୍ୟ ସମୟ ରହିଛି ସେଥିରେ ବିଳମ୍ବ କରାଯାଇପାରିବ ନାହିଁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଫଜର୍ ନାମଜ୍ ପ୍ରସଙ୍ଗରେ ଯିଏ ମଧ୍ୟ ଏହି ପ୍ରଶ୍ନଟିକୁ ପଚାରିଛନ୍ତି ଏହା ତ ପଚାରିବାର ପ୍ରଶ୍ନ ହିଁ ନାହିଁ । ଜଣେ ମୁବ୍‌ଲିଗ୍‌କୁ ଏକଥା ଜଣାଯିବା ଉଚିତ ଯେ, ନାମଜ୍ ର କ'ଣ କ'ଣ ସମୟ ଅଛି ।

ବିଭାଘରରେ ଅନୁଚିତ କାର୍ଯ୍ୟ ଅପସନ୍ଦ କଥା ପ୍ରସଙ୍ଗରେ ଜଣେ ମୁବ୍‌ଲିଗ୍ ପ୍ରଶ୍ନ ପଚାରିଲେ ଏହାର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ମୋ ଖୁତ୍‌ବାଗୁଡ଼ିକ ଶୁଣୁଥିବେ ମୁଁ ସବୁ କିଛି ବତାଇସାରିଛି । ଯଦି ବିବାହ ସମୟରେ କୌଣସି ଅଣଇସ୍‌ଲାମିୟ ପ୍ରଥା ବା କଥାକୁ ଦେଖିବେ ସେତେବେଳେ ଏଥିପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ ଓ ଏହାକୁ ବନ୍ଦ ମଧ୍ୟ କରାନ୍ତୁ । ଇସ୍‌ଲାମିୟ ପ୍ରଥା ଓ ଇସଲାମିୟ ଶିକ୍ଷା ମୁତାବକ ବିଭାଘର ହେବା ଉଚିତ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବା ସର୍ତ୍ତ୍ୱେ ମଧ୍ୟ ଯଦି ଏହାର ସୁଧାର କରାଯାଉନାହିଁ ତେବେ ପୁଣି ସେଠାରୁ ଉଠି ଚାଲିଆସନ୍ତୁ । ସେଠାରେ ବସନ୍ତୁ ନାହିଁ । ଯଦି ବସିବେ ତେବେ ଆପଣଙ୍କୁ ମଧ୍ୟ ଦଣ୍ଡ ମିଳିବ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଏକଥା କୁହାଗଲା ଯେ, କିଛି ଅଣଅହେମଦି ବ୍ୟକ୍ତି ଆମଦ୍ୱାରା ନିଜର ନିକାହ୍‌କୁ ପଢ଼ାଇବାକୁ ଚାହୁଁଛନ୍ତି ଯଦ୍ୱାରା ସେମାନଙ୍କର ନିକହ୍ ଇସଲାମୀୟ ଶୈଳୀରେ ହେଉ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏକଥାକୁ ଦେଖି ନିଅ ଯେ, କ'ଣ ଏଠାରେ ନିକାହ୍ ପଢ଼ାଇବା ବ୍ୟକ୍ତିଙ୍କର ରେଜଷ୍ଟ୍ରି ହୋଇଥାଏ ଯଦି ଆପଣ ରେଜଷ୍ଟ୍ରିଭୁକ୍ତ ଅଛନ୍ତି ତେବେ ନିକାହ୍ ପଢ଼ାଇପାରିବେ । ଜଣେ ମୁବ୍‌ଲିଗଙ୍କୁ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ପ୍ରଥମେ ଏକଥା ବୁଝି ନିଅନ୍ତୁ ଯେ, ଆପଣଙ୍କ ରାଜ୍ୟରେ କ'ଣ କାନୁନ ରହିଛି ? ସେଠାରେ ଯାହା କାନୁନ ଅଛି ତା ମୁତାବକ ଚାଲିବାକୁ ହେବ । ଜଣେ ମୁବ୍‌ଲିଗ୍ ପଚାରିଲେ ଯେ, ଯଦି କୌଣସି ବ୍ୟକ୍ତି ବିବାହ କରିବା ଉଦ୍ଦେଶ୍ୟରେ ବୟତ କରେ ତେବେ ଏ ପରିପେକ୍ଷୀରେ କ'ଣ କରାଯିବ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ହୃଦୟର ଅବସ୍ଥା ତ କେବଳ ଈଶ୍ୱରଙ୍କୁ ଜଣା ସେମାନେ ବିବାହ ତ କରିବେ ଓ ଅନୁମତି ବିନା ଯଦି ବିବାହ କରିବେ ତେବେ ଏଖ୍‌ରାଜ୍ ହୋଇଯିବେ । ତେଣୁ ଏପରି ଅତି କମ୍‌ରେ ସେମାନେ କୌଣସି ଖରାପ କାର୍ଯ୍ୟରୁ ବଂଚି ତ ଯିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆମର ଗୋଟିଏ ନିଜାମ୍ (ଅର୍ଥାତ ସୁବ୍ୟବସ୍ଥା) ରହିଛି । ଯଦି କୌଣସି ଯୁବକ ବୟତ କରୁଛି ସେତେବେଳେ ସେ ଯମାତ୍‌ର କାନୁନ ମୁତାବକ ତାକୁ ଏକବର୍ଷର ସମୟ ବିତାଇବାକୁ ପଡ଼ିଥାଏ ଓ ଯଦି ଏକ ବର୍ଷ ପୂର୍ବରୁ ବିବାହ କରିବାକୁ ହୁଏ ଅର୍ଥାତ୍ କୌଣସି କାରଣରୁ ବିବାହ ଶିଘ୍ର କରିବାକୁ ପଡ଼ିଥାଏ ତେବେ ମୁଁ ଅନୁମତି ଦେଇଦେଉଛି ଯଦ୍ୱାରା ଖରାପ କାର୍ଯ୍ୟରୁ ବଂଚି ଯିବେ ଓ ଦ୍ୱିତୀୟ କଥା ହେଉଛି ଏହା କି କାଳେ ଏପରି ସେ ଯମାତ୍‌ର ନିକଟତର ହୋଇଯିବେ ନଚେତ୍ ଯିଏ ବିବାହ କରିବାକୁ ଚାହେଁ ସିଏ କୋର୍ଟରେ ଯାଇ ମଧ୍ୟ ବିବାହ କରିନେଉଛି ପୁରି ଏଖ୍‌ରାଜ୍‌ର ଦଣ୍ଡ ମଧ୍ୟ ପାଉଛି । ସୁତରାଂ ଏହି ସବୁ କଥାରୁ ବଂଚିବା ପାଇଁ ମୁଁ ଅଳ୍ପ ଦିନରେ ମଧ୍ୟ ଅନୁମତି ଦେଇଦେଉଛି ଯଦ୍ୱାରା ସୁଧାର ହୋଇପାରିବ । ଯାହାକୁ ପଛକୁ ଫେରିଯିବାକୁ ପଡ଼ିଥାଏ ସେ ହେଉଛି ଦୁର୍ଭାଗା କାରଣ ସେ ପଛକୁ ଫେରିଯାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେତେବେଳେ ନୌମୁବାଏଙ୍କୁ ବୟତ କରିବାର ଏକବର୍ଷ ସମ୍ପୂର୍ଣ୍ଣ ହୋଇଯାଏ ସେତେବେଳେ ପୁଣି ଦେଶର ଅମୀର୍ ବା ସଦର୍ ଅନୁମତି ଦେଇଥାନ୍ତି । ଯଦି ବର୍ଷକରୁ କମ୍ ସମୟ ଥାଏ ଓ ବିବାହ କରିବାକୁ ପଡ଼େ ତେବେ ଖଲିଫାଙ୍କଠାରୁ ଅନୁମତି ନେବା ଜରୁରୀ ଅଟେ ।

ଜଣେ ମୁବ୍‌ଲିଗ୍ କହିଲେ ଯେ, ଆମ ମସ୍‌ଜିଦ୍‌ରେ କିଛି ଅଣମୁସଲିମ୍ ଲୋକେ ସାହାଯ୍ୟ ପାଇଁ ଓ ଜକାତ୍ ନେବା ପାଇଁ ଆସୁଛନ୍ତି ତେବେ ଏପରି ପରିସ୍ଥିତିରେ କଣ ଆମେ ସେମାନଙ୍କୁ ଜକାତ୍ ପାଇଥିବା ଅର୍ଥରୁ କିଛି ଦେଇ ପାରିବୁ ?

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଜକାତ୍‌ର ବିଭାଗଟି ଆପଣମାନଙ୍କ ଅଧିକାରରେ ନାହିଁ ସେଥିରୁ ଆପଣମାନେ ନିଜେ କିଛି ଦେଇପାରିବେ ନାହିଁ ତେଣୁ ଆପଣମାନେ ସେମାନଙ୍କୁ ବତାଇ ଦିଅନ୍ତୁ ଯେ ଜକାତ୍ ଇତ୍ୟାଦିର ଅର୍ଥ ଆମେ ଦେଇପାରିବୁ ନାହିଁ କାରଣ ଏହା ଆମ ଅକ୍ତିଆରରେ ନାହିଁ । ଆପଣମାନେ ଆପଣମାନଙ୍କ ନିକଟରେ ଥିବା ସଦ୍‌କାତ ଇତ୍ୟାଦିରୁ ଓ ସ୍ଥାନିୟ ଫଣ୍ଡରୁ ସାହାଯ୍ୟ ଆକାରରେ କିଛି ଦେବାକୁ ପଡ଼େ ତେବେ ଦେଇପାରିବେ ।

ବୟତ ଫର୍ମ ସମ୍ବନ୍ଧିତ ଗୋଟିଏ ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ଆପଣମାନଙ୍କୁ ଏଥିରେ ହୃଦ୍‌ବୋଧ ହେଉନାହିଁ ତେବେ ଏହା ନିଜ ମର୍କଜକୁ ପଠାଇଦିଅନ୍ତୁ ତତ୍‌ସହିତ ଗୋଟିଏ ଚିଠି ଲେଖି ଦିଅନ୍ତୁ ଯେ ଏହାକୁ ବିଚାର ଅନ୍ତର୍ଗତ ରଖି ପେଣ୍ଡିଙ୍ଗ ରଖନ୍ତୁ ।

ଆଉ ଜଣେ ମୁବ୍‌ଲିଗ୍ କହିଲେ ଯେ କିଛି ଲୋକେ ଲଟେରିର କାର୍ଯ୍ୟ କରୁଛନ୍ତି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ଲଟେରୀ ମେଶିନ୍ ହେଉଛି ଯୁଆ ଯେଉଁମାନେ ଏପରି କାର୍ଯ୍ୟ କରୁଛନ୍ତି ସେମାନେ ଓ୍ୱହଦାଦାର ହୋଇପାରିବେ ନାହିଁ । ଯଦି ଏପରି କୌଣସି ବ୍ୟକ୍ତି ଓ୍ୱହଦାଦାର ଅଛନ୍ତି ତେବେ ବତାନ୍ତୁ । କେବଳ ଜଣେ କର୍ମୀ ରୂପେ ତାଙ୍କଠାରୁ କାର୍ଯ୍ୟ ହାସଲ କରିବାରେ କୌଣସି ଅସୁବିଧା ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେଉଁମାନେ ସୁଅର (ଘୁଷୁରୀ) ଏବଂ ମଦ କାର୍ଯ୍ୟ କରୁଛନ୍ତି ସେମାନଙ୍କ ସମ୍ବନ୍ଧରେ ଏ ନିର୍ଦ୍ଦେଶ ଅଛି କି, ତାଙ୍କଠାରୁ ଚାନ୍ଦା ନିଆ ନଯାଉ କାରଣ ସେମାନଙ୍କର ଅବସ୍ଥା ବିବଶ ଅଛି । ଜମାତ୍‌ପାଇଁ ବିବଶତାର କୌଣସି ଅବସ୍ଥା ନାହିଁ ତେଣୁ ଜମାତ୍ ସେମାନଙ୍କଠାରୁ ଚାନ୍ଦା ନେବ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ କିଛି ଲୋକ ସେଠାରେ ଚାକିରି କରିଛନ୍ତି ତେଣୁ ସେମାନେ ସେ କାର୍ଯ୍ୟକୁ ଛାଡ଼ି ଅନ୍ୟ କୌଣସି କାର୍ଯ୍ୟର ସନ୍ଧାନ କରନ୍ତୁ । ଏପରି ଲୋକମାନଙ୍କୁ ଦୁଇ ତିନି ମାସର ସମୟ ଦିଆଯାଇପାରେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ମଦ ଷ୍ଟୋରରେ ଥାଏ ଓ ସେଠାରେ କାମ କରୁଥିବା ବ୍ୟକ୍ତି ତା ସହିତ ପ୍ରତ୍ୟକ୍ଷ ରୂପେ ସଂଶ୍ଳିଷ୍ଟ ନାହିଁ, ଉଦାହରଣ ସ୍ୱରୂପ ତେଜରାତି ଦୋକାନରେ କ୍ୟାସିୟର କାର୍ଯ୍ୟ କରିବାରେ କୌଣସି ଅସୁବିଧା ନାହିଁ । କିନ୍ତୁ ଯଦି ସେ ସିଧାସଳଖ ତାହାକୁ ବିକ୍ରୀ କରୁଥାଏ ତେବେ ସେ ସେହି କାର୍ଯ୍ୟ କରିବାରେ ସାମିଲ ଅଛି । ହଁ ଯଦି ସେ ଏପରି ଟିଲ୍ (Till) ଉପରେ ଅଛି କି ସେଠାରେ ମଦ ବିକ୍ରୀ କରାଯାଉନାହିଁ ତେବେ ପୁଣି ତାହା ଠିକ୍ ଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସେ ଯାହା ହେଉ ଯେଉଁମାନେ ଏପରି କାର୍ଯ୍ୟରେ ଲିପ୍ତ ଅଛନ୍ତି ସେମାନଙ୍କଠାରୁ ଚାନ୍ଦା ନେବ ନାହିଁ, ସେମାନଙ୍କୁ କୌରସି ଓ୍ୱହଦା ଦେବ ନାହିଁ କର୍ମୀରୂପେ ତ କାମ କରିପାରିବେ ଯଦ୍ୱାରା ଯୋଗାଯୋଗ ରହିବ । ଯଦି କୌଣସି ସାଧାରଣ କର୍ମୀରୂପେ କାର୍ଯ୍ୟ କରିଥାଏ ତେବେ ଠିକ୍ ଅଛି । ଏପରି ବ୍ୟକ୍ତି କୌଣସି ବିଭାଘର ପ୍ରତିନିଧିତ୍ୱ କରିପାରିବ ନାହିଁ ।

ଜଣେ ମୁବ୍‌ଲିଗ୍ କହିଲେ ଯେ, ଯଦି ଆମେ ମଗ୍‌ରିବ୍ ନମାଜ୍ ବିଳମ୍ବ କରି ପଢୁଛେ ଓ ତା'ପରେ ଦରସ୍ ହେବ ଓ ପୁଣି ତା ପରେ ଇଶା ନମାଜ୍ ପଢ଼ାଯିବ ଏହାଦ୍ୱାରା ଜମାତ୍‌ର ସଦସ୍ୟମାନଙ୍କୁ ସୁବିଧା ହୋଇଯିବ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଁ ହଜରତ ସ:ଆ:ସଙ୍କର ଏ ସୁନ୍ନତ ଥିଲା ଯେ, ନମାଜର ପ୍ରଥମ ସମୟରେ ହିଁ ନାମଜ୍ ପଢ଼ାଯାଉ ଯଦି ନିୟତ ଠିକ୍ ଅଛି ତେବେ ପୁଣି ବିଳମ୍ବ ହୋଇଗଲେ ଅନ୍ୟସମୟରେ ପଢ଼ି ନିଆଯାଉ ଏହା ମଧ୍ୟ ଦେଖିବା ଜରୁରି ଯେ, ଇଶା ସମୟ ଚାଲିନଯାଉ ।

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 11 July 2019 Issue No. 28

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୨୯ ଅକ୍ଟୋବର ୨୦୧୮ (ସୋମବାର) ଆମେରିକାର ମୁବଲ୍ଲିଗ୍‌ମାନଙ୍କର ହଜୁର ଅନଓ୍ୱରଙ୍କ ସହିତ ହୋଇଥିବା ସାକ୍ଷାତକାରର ବଳକା ଅଂଶ

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁରବୀମାନଙ୍କର ସହଯୋଗ ଓ୍ୱହଦାଦାରମାନଙ୍କ ସହିତ ରହିବା ଉଚିତ ସବୁ ସ୍ଥାନରେ ଓ୍ୱହଦାଦାରମାନଙ୍କ ସହଯୋଗ ସମ୍ବନ୍ଧିତ ସମସ୍ୟା ରହିଛି ମୁଁ ପୂର୍ବରୁ ମଧ ବତାଇ ସାରିଛି ଯେ, ମୋତେ ଅବଦୁଲ୍ ମାଲିକ୍ ଖାନ୍ ସାହେବ ମରହୁମ୍ ବତାଇଥିଲେ ଯେ, ସେ କରାଚିରେ ମୁରବୀ ଥିଲେ ସେତେବେଳେ ଅବଦୁଲ୍ଲାଃ ଖାନ୍ ସାହେବ କରାଚୀର ଅମୀର ଥିଲେ । ହଜ୍‌ରତ୍ ମୁସଲେ୍‌ହ ମଉଦ ର:ଅ ଗୋଟିଏ ଅବସରରେ କହିଥିଲେ ଯେ, ଯେଉଁ ଭଳି ମାଲିକ୍ ଖାନ୍ ସାହେବ ଏବଂ ଅବଦୁଲ୍ଲାଃ ଖାନ୍ ସାହେବ ଆପୋଷରେ ସହଯୋଗ କରି କାର୍ଯ୍ୟ କରୁଛନ୍ତି ସେହିପରି ବାକି ମୁରବୀ ମାନେ କାହିଁକି କରିପାରିବେ ନାହିଁ ।

ନମାଜ୍ ଜମା (ଏକାଠି ପଢ଼ିବା) ପ୍ରସଙ୍ଗରେ ଜଣେ ମୁରବୀ ସାହେବ କହିଲେ ଯେ, ଏଠାରେ ଜଣେ ବନ୍ଧୁ କହିଥିଲେ ଯେ, ଲଣ୍ଡନରେ ନମାଜ୍ ଜମା ହେଉଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଦଶ ମାସରୁ ଅଧିକା ହୋଇଗଲାଣି ଆମେ ପାଂଚବେଳା ନମାଜକୁ ନିଜ ଧାର୍ଯ୍ୟ ସମୟରେ ଅଲଗା ଅଲଗା ପାଠ କରୁଛୁ । ପାଖାପାଖି ଦେଢ଼ମାସର ଅବଧି ଅର୍ଥାତ୍ ଗ୍ରୀଷ୍ମ ଋତୁରେ ମଗ୍ରିବ ଓ ଇସା ନମାଜ୍ ଏବଂ ଶୀତ ଋତୁରେ ନମାଜ ଜୋହର୍ ଏବଂ ଅସର ଜମା ହୋଇଥାଏ କାରଣ ସେହିଦିନ ଗୁଡ଼ିକରେ ନମାଜ ମଧରେ ଥିବା ଅନ୍ତର ବହୁତ କମ ହୋଇଯାଇଥାଏ । ପୁଣି ହଜୁର ଅନଓ୍ୱର ଅ:ବ:ଅ ଏ ନିର୍ଦ୍ଦେଶ ଦେଲେ ଯେ, ଯେଉଁ ବନ୍ଧୁ ଜଣକ ଏହି କଥା କହିଥିଲେ ତାଙ୍କୁ ବୁଝାଇଦେବାର ଥିଲା ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ତହ୍‌ରିକେ ଜଦିଦ୍‌ର କଓ୍ୱାଇଦ୍ (ଅର୍ଥାତ୍ କାଇଦା କାନୁନ) ପୁସ୍ତକରେ ମୁବଲ୍ଲିଗ୍‌ମାନଙ୍କର କର୍ତବ୍ୟ ଓ ଦାୟିତ୍ୱ ସମ୍ବନ୍ଧରେ ବ୍ୟାଖ୍ୟାମୁଳକ କାଇଦା କାନୁନ ରହିଛି । ସେଥିରେ ତେଇଶି ଗୋଟି ପଏଟଂ ରହିଛି କଣ ଏହାକୁ ସମସ୍ତେ ପଢ଼ିସାରିଛ ? ଆପଣମାନେ ସମସ୍ତେ ଏହାକୁ ପଢ଼ିବା ଉଚିତ ଏବଂ ଏଥିରେ ଯେଉଁ ଦାୟିତ୍ୱ କର୍ତବ୍ୟ ରହିଛି ତା ମୁତାବକ କାର୍ଯ୍ୟ କରିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ନିଜ ଜୀବନକୁ ଇସଲାମୀୟ ଶିକ୍ଷା ମୁତାବକ ଗଢ଼ି ତୋଳନ୍ତୁ ଓ ଜମାତ୍‌ର ସମସ୍ତ ସଦସ୍ୟଙ୍କୁ ତବଲିଗ୍ କରିବା ପାଇଁ ପ୍ରୋତ୍ସାହିତ କରନ୍ତୁ ପୁଣି ସେମାନଙ୍କ ତରବିୟତ୍ କରିବା ଆପଣମାନଙ୍କ ଦାୟିତ୍ୱ । ସେକ୍ରେଟାରୀ ତର୍‌ବିୟତ୍ ପ୍ରୋଗ୍ରାମ ବନାଇଥାନ୍ତି ସେହିପରି ସେକ୍ରେଟାରୀ ତବ୍‌ଲିଗ୍ ପ୍ରୋଗ୍ରାମ ବନାଇଥାନ୍ତି । ଦାଇୟାନେ ଇଲ୍‌ଲାଃଙ୍କ ତରବିୟତ୍ କରିବା ତ ଆପଣଙ୍କ ଦାୟିତ୍ୱ କାରଣ ଧର୍ମ ଜ୍ଞାନ ଆପଣମାନଙ୍କ ନିକଟରେ ରହିଛି ସେମାନଙ୍କ ନିକଟରେ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସକାଳେ ଉଠ ଏବଂ ପ୍ରସ୍ତୁତ ହୋଇଯାଅ ଓ ୮ରୁ ୮.୩୦ ଭିତରେ ପ୍ରସ୍ତୁତ ହୋଇ ନିଜ କାର୍ଯ୍ୟାଳୟରେ ପହଂଚ ଓ ସେଠାରେ କାମ କର । ନିଜର ଚିଠିପତ୍ର ଇତ୍ୟାଦି ଡ଼ାକ ଦେଖ ତା'ପରେ ପୁଣି ତବ୍‌ଲିଗ୍ କରିବା ପାଇଁ ବାହାରିଯାଅ ଏହି ପ୍ରୋଗ୍ରାମ ପୂର୍ବରୁ ପ୍ରସ୍ତୁତ ହେବା ଉଚିତ । ହଜୁର ଅନଓ୍ୱର ଅ:ବ:ଅ କହିଲେ ତବ୍‌ଲିଗ୍ କରିବା ପାଇଁ କିସମ କିସମର ନୂଆ ନୂଆ ଉପାୟ ବାହାର କର । ନୂଆନୂଆ ମାର୍ଗ ଖୋଜିବାକୁ ପଡ଼ିଥାଏ । ଯେଉଁ ମୁବଲ୍ଲିଗ୍‌ମାନେ ଏପରି କରିଥାନ୍ତି ସେହିମାନେ ସଫଳ ହୋଇଥାନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁଁ ଘାନାରେ ଦେଖିଛି ଯେ, ଯେଉଁ ମୁବଲ୍ଲିଗ୍ ମାନେ କାମ କରୁଥିଲେ ସେମାନେ ତବ୍‌ଲିଗ୍ କରିବାପାଇଁ କୌଣସି ନା କୌଣସି ରାସ୍ତା ବାହାର କରିଦେଉଥିଲେ । ସଡ଼କ କଡ଼ରେ, ରାସ୍ତାରେ, ପାମ୍ପଲେଟସ୍ ନେଇ ଛିଡ଼ା ହୋଇଯାଉଥିଲେ ସେଗୁଡ଼ିକୁ ବାଟୁଂ ଥିଲେ ଏହିପରି ସେମାନେ ଲୋକ ସମ୍ପର୍କ ସ୍ଥାପନ କରୁଥିଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ସଫଳ ତ ପ୍ରଥମ ଦିନରେ ହିଁ ମିଳେ ନାହିଁ ଏହାକୁ ପ୍ରାପ୍ତ କରିବାକୁ ହେଲେ ବହୁତ ଚେଷ୍ଟା କରିବାକୁ ପଡ଼େ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆଜିଠାରୁ ସାତ ଆଠ ବର୍ଷ ପୂର୍ବେ ମୁଁ ଏକଥା କହିଥିଲି ଯେ. ପ୍ରତ୍ୟେକ ବର୍ଷ ଦଶ ପ୍ରତିଶତ ଲୋକମାନଙ୍କ ନିକଟରେ ଯମାତ୍‌ର ପରିଚୟ କରାନ୍ତୁ କିନ୍ତୁ ଆମେରିକାରେ ଏ ପର୍ଯ୍ୟନ୍ତ ଏକ ପ୍ରତିଶତ ଲୋକମାନଙ୍କ ନିକଟରେ ମଧ ଯମାତ୍‌ର ପରିଚୟ ହୋଇପାରିନାହିଁ ।

Billboard ଲଗାଇଦେବା ବା Walk ବା ଶାନ୍ତି ସମ୍ବନ୍ଧିୟ ପାମ୍ପଲେଟ୍ ବାଟିଂଦେବା, ଏହାପରେ ଆଗକୁ ପଦକ୍ଷେପ ମଧ ନେବା ଉଚିତ

ହଜୁର ଅନଓ୍ୱର ଅ:ବ:ଅ କହିଲେ Motivate କରିବାପାଇଁ ମୁରବୀମାନଙ୍କୁ ହିଁ କାମ କରିବାକୁ ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁବଲ୍ଲିଗ୍ ହେଉଛନ୍ତି ତବ୍‌ଲିଗ୍ କମିଟିର ସଦସ୍ୟ । ଆପଣମାନେ ଯେଉଁ ପାମ୍ପଲେଟ୍‌ସ ପ୍ରସ୍ତୁକ କରିବେ ତା' ପୂର୍ବରୁ ପ୍ରଥମେ ଆଲୋଚନା କରନ୍ତୁ ଯେ ଲୋକମାନେ କେଉଁଥିରେ ଅଧିକା ପ୍ରଭାବିତ ହେଉଛନ୍ତି । ଯେଉଁ ଇଲାକାରେ ଏହିସବୁ ଗୁଡ଼ିକ ବଟଂନ କରାଯିବ ତାହାର ଯାଏଜା ନିଅନ୍ତୁ ଓ ପୁଣି ସେହି ଇଲାକାର ଆବଶ୍ୟକତା ଅନୁସାରେ ପାମ୍ପଲେଟ ପ୍ରସ୍ତୁତ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ନିଜ ନିଜର ଲୋକସମ୍ପର୍କ ବଢ଼ାନ୍ତୁ ଶୋସିଆଲ୍ ମିଡ଼ିଆ ମାଧ୍ୟମରେ କେତେକ ନିଜ ନିଜର ପ୍ରୋଗ୍ରାମ ପ୍ରସ୍ତୁତ କରୁଛନ୍ତି, ତବ୍‌ଲିଗ୍ କରୁଛନ୍ତି ବହୁତ ଭଲ କାମ କରୁଛନ୍ତି । ଏପରି ସମସ୍ତଙ୍କୁ କରିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କ'ଣ ନୌମୁବାଇନ୍ (ନୁତନ ଅହେମଦି)ଙ୍କ ତର୍‌ବିୟତ୍ କରିବା ସମ୍ବନ୍ଧରେ ଆପଣମାନଙ୍କୁ ଯମାତ ତରଫରୁ କୌଣସି ପ୍ରୋଗ୍ରାମ ମିଳୁଛି କି ? ଏଥିରେ ମୁବ୍‌ଲ୍ଲିଗ୍ ଇନ୍‌ଚାର୍ଜ ସାହେବ କହିଲେ ଯେ, ଆମେ ପ୍ରତ୍ୟେକ ମୁବ୍‌ଲ୍ଲିଗଙ୍କୁ ପାଚଂ ଜଣ ଏପରି ନୌମୁବାଇନ୍‌ଙ୍କୁ ନିକଟତର କରାଇବା ପାଇଁ ଟାର୍ଗେଟ ଦେଇଛୁ । ଯେଉଁମାନେ ଦୁରେଇ ଯାଇଛନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ ହିଦାୟତ ପ୍ରଦାନ କରି ନିର୍ଦ୍ଦେଶ ଦେଲେ ଯେ, ଯେଉଁମାନେ ଦୂରେଇ ଯାଇନାହାନ୍ତି ସେମାନଙ୍କୁ ନିକଟକୁ ଆଣିବା ପାଇଁ ଅହରହ ଯୋଗାଯୋଗ କରିଚାଲ । ସେମାନଙ୍କୁ ଛାଡ଼ ନାହିଁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ପାକିସ୍ତାନୀମାନେ ନିଜର ମଜ୍‌ଲିସ୍ ଲଗାଉଛନ୍ତି ସେଥିଯୋଗୁଁ ଅନ୍ୟମାନେ ଦୂରେଇ ଯାଉଛନ୍ତି ଏହି ପ୍ରଣାଳି ହେଉଛି ଭୁଲ୍ ଏଥିପ୍ରତି ଧାନ ଦେବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁରବୀ ମାନଙ୍କର କାମ ହେଉଛି ଏହା କି ସେମାନେ ପବିତ୍ର କୋରାନ୍ ପଢ଼ାନ୍ତୁ,କ୍ଲାସ ଲଗାନ୍ତୁ ଯଦି ଆପଣମାନଙ୍କର ନିଜର ଉଚାରଣ ଠିକ୍ ନାହିଁ ତେବେ ତାହା ଠିକ୍ କରିନିଅନ୍ତୁ ତାପରେ ଯାଇ ଅନ୍ୟମାନଙ୍କୁ ଶିଖାନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ ଏବେ ପାକିସ୍ତାନରେ ମଧ ଅନ୍‌ଲାଇନ୍ କ୍ଲାସ ଆରମ୍ଭ ହୋଇସାରିଛି କିନ୍ତୁ ଆପଣମାନଙ୍କୁ ମଧ ନିୟମିତ କୋରାନ୍ କ୍ଲାସ ନେବାକୁ ହେବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ନିଜ ଜମାତ୍‌ର ଇସ୍‌ଲାହିକ୍ କମିଟିରେ ସ୍ଥାନୀୟ ମିଶିନାରୀ ସାମିଲ ଅଛନ୍ତି । ଇସଲାହିକ୍ କମିଟିର କାର୍ଯ୍ୟ ହେଉଛି ଏହା କି ସମସ୍ୟା ଉପୁଜିବା ପୂର୍ବରୁ ହିଁ ତା'ର ସମାଧାନର ବାଟ ନିର୍ଣ୍ଣୟ କରାଯାଉ ।

ଜଣେ ମୁବ୍‌ଲିଗ୍‌ଙ୍କ ତରଫରୁ ଏ କଥା ଉପସ୍ଥାପନ କରାଗଲା ଯେ, ଜଣେ ଝିଅ ବିବାହ କରିବାପାଇଁ ଇଛା ପ୍ରକାଶ କଲା କିନ୍ତୁ ତା'ର ବାପା ମା ତାକୁ ପାଠ ପଢ଼ିବା ପାଇଁ ବାଧ୍ୟ କରୁଥିଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ଏପରି କେଶ୍ ଆପଣମାନଙ୍କ ସମ୍ମୁଖକୁ ଆସେ ତେବେ ତାକୁ ଏହି କମିଟିରେ ଉପସ୍ଥାପନ କରି ସମାଧାନ କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ହଜରତ ମୁସଲେହ ମଉଦ ର:ଅ କହିଛନ୍ତି ଯେ, ଯଦି ଝିଅ ପିଲାମାନଙ୍କୁ ଶିକ୍ଷା ଦେଇ ସେମାନଙ୍କ ଦ୍ୱାରା ଚାକିରି କରାଇବାର ଆଶା ଥାଏ, ଧନ ଉପାର୍ଜନ କରିବାର ଆଶା ଥାଏ, ସେଥିଯୋଗୁଁ ସେମାନଙ୍କ ଶିଘ୍ର ବିବାହ କରାଯାଉନଥାଏ ତେବେ ମୁଁ ଏପରି ଶିକ୍ଷାର ବିରୋଧି ଅଟେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯାମତ୍‌ର ସଦସ୍ୟମାନଙ୍କୁ ଏକାଠି କରିବା ହେଉଛି ଆପଣମାନଙ୍କର କାର୍ଯ୍ୟ । ଲୋକମାନେ ଓହଦାଦାରମାନଙ୍କର ଅଭିଯୋଗ କରୁଛନ୍ତି ତେଣୁ ଓହଦାଦାରମାନଙ୍କୁ ବୁଝାନ୍ତୁ ଓ ଲୋକମାନଙ୍କୁ ମଧ ବୁଝାଇଦିଅନ୍ତୁ ଯେ, ଆପଣମାନେ ଓହଦାଦାରମାନଙ୍କର ବୟତ କରିନାହାନ୍ତି । ହଜରତ ମସିହ ମଉଦ ଆ:ସଙ୍କର ବୟତ କରିଛନ୍ତି । ଯେଉଁମାନଙ୍କ ଘରେ ଲଢ଼େଇ ଝଗଡ଼ା ଓ ଗଣ୍ଡଗୋଳ ଅଛି ସେମାନଙ୍କ ଘରକୁ ଯାଇ ସେମାନଙ୍କୁ ବୁଝାନ୍ତୁ କିନ୍ତୁ ଯେ ପର୍ଯ୍ୟନ୍ତ ସେମାନଙ୍କ ମଧରେ ଆପୋଷରେ ସୁଲାହ୍ ନ ହୋଇଯାଇଛି ସେ ପର୍ଯ୍ୟନ୍ତ କାହା ଘରେ ମଧ କିଛି ଖାଇବ ନାହିଁ କି ପିଇବ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ତରବିୟତ କରିବାପାଇଁ ଗୋଟିଏ ମାଧ୍ୟମ ହେଉଛି ବସିୟତ କରିବା ପ୍ରତି ଧାନ ଆକର୍ଷଣ କରାଇବା ଏହି କାର୍ଯ୍ୟ ଯୋଗୁଁ ସେକ୍ରେଟାରୀ ଓ୍ୱସାୟାଙ୍କୁ ସାହାଯ୍ୟ କରନ୍ତୁ ଓ୍ୱସିୟତରେ ସାମିଲ ହେବା ଦ୍ୱାରା ଲୋକମାନଙ୍କର ତରବିୟତ ଓ ସେମାନଙ୍କର କୁର୍‌ବାନୀ କରିବାର ସ୍ତର ଉତମ ହୋଇଥାଏ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁବ୍‌ଲିଗ୍ ମାନଙ୍କୁ ଚାନ୍ଦା ବଢ଼ାଇବାରେ, ଚାନ୍ଦାର ସ୍ତରକୁ ବଢ଼ାଇବା ଏବଂ ବାଶର୍‌ହା (ଅର୍ଥାତ ରୋଜଗାର ଅନୁସାରେ ମାପ ମୁତାବକ) ଚାନ୍ଦା ପ୍ରଦାନ କରିବା ପ୍ରସଙ୍ଗରେ ସେକ୍ରେଟରୀମାନଙ୍କୁ ସାହାଯ୍ୟ କରିବା ଉଚିତ ଏହା ହେଉଛି ତରର୍ବିତ କରିବାର ବୁନିୟାଦି କାର୍ଯ୍ୟ ଏବଂ ମୁବଲିଗ୍ ମାନଙ୍କର କର୍ତବ୍ୟ ଅଟେ ଯେ, ଲୋକମାନେ ସଠିକ୍ ମାପ ମୁତାବକ ଚାନ୍ଦା ପ୍ରଦାନ କରନ୍ତୁ । ପ୍ରତ୍ୟେକ୍ଷ ରୂପେ ଦଖଲ ଦେବା ଠିକ୍ ନୁହେଁ କିନ୍ତୁ ଚାନ୍ଦା ବଢ଼ାଇବାରେ ସାହାଯ୍ୟ କରିବାକୁ ହେବ ।

ଜଣେ ମୁବଲିଗ୍ କହିଲେ ଯେ, ଯଦି ଲାଇଭ୍ ଖୁତ୍‌ବା ଜୁମା ଫଜର୍ ସମୟରେ ପ୍ରସାରଣ ହେଉଥିବ ତେବେ କ'ଣ କରିବାକୁ ହେବ । ଆମେରିକାରେ କିଛି ଇଲାକା ଏପରି ରହିଛି ଯେତେବେଳେ ଖୁତ୍‌ବା ଜୁମା ସିଧାପ୍ରସାରଣ ହୋଇଥାଏ ସେତେବେଳେ ସେଠାରେ ଫଜର୍ ସମୟ ହୋଇଥାଏ ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଫଜର୍‌ର ଯେଉଁ ସମୟ ରହିଛି ତାହା ତ ଏକ ବିଶେଷ ସମୟ ତେଣୁ ଠିକ୍ ସମୟରେ ଫଜର୍ ନାମଜ ପଢ଼ାଯାଉ । ଖୁତ୍‌ବାକୁ ଆପଣମାନେ ପରେ ଶୁଣନ୍ତୁ ବା ଏମ୍.ଟି.ଏ ପୂର୍ନବାର ପ୍ରସାରଣ କରିବା ପାଇଁ ଯେଉଁ ତିନି ଘଂଟାର Transmission delay ରଖାଯାଇଛି ସେତେବେଳେ ଶୁଣିନିଅ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯଦି ଜଲ୍‌ସାର ପ୍ରୋଗ୍ରାମ ଥିବ ବା କୌଣସି ଏପରି ପ୍ରୋଗ୍ରାମ ଥିବ ଓ ସେତେବେଳେ ଖଲିଫାଙ୍କର ଖୁତ୍‌ବା ଲାଇଭ୍ ଆସୁଥିବ ତେବେ ଆପଣମାନେ ନିଜ ନିଜର ଅବସ୍ଥା ମୁତାବକ ଜୋହର୍ ନାମାଜ୍ ଓ ଅସର୍

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan